## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟାବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଞ୍ଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି ।

**(ଅଲ୍ ହମ୍ଦୋଲିଲ୍ଲାହ)**

ହଜୁର ଅନଓ୍ଵର[ଅ.ବ]ଙ୍କ ସୁସ୍ଥ, ସବଳ, ଦୀର୍ଘାୟ ଏବଂ ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ତଥା ବିଶେଷ ସୁରକ୍ଷିତରେ ରହିବା ନିମନ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହଜୁର ଅନଓ୍ଵର[ଅ.ବ]ଙ୍କୁ ପ୍ରତ୍ୟେକ ସମୟରେ ସୁରକ୍ଷିତ,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ଆମିନ୍॥

**''ଅଲ୍ଲାଃହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ଵ ବାରିକ୍ ଲନା ଫି ଉମରେହି ଓ୍ଵ ଅମରେହି''**


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1
ବାର୍ଷିକ ଦେୟ: ୩୦୦ ଟଙ୍କା

ସାପ୍ତାହିକ
ବଦର କାଦିଆନ୍
ବଦର
BADAR
The weekly
BADAR Qadian

ସଂଖ୍ୟା 1
ସମ୍ପାଦକ: କମରୁଲ୍ ହକ୍ ଖାନ୍
ସହ-ସମ୍ପାଦକ: ଫଜଲ୍ ହକ୍ ଖାନ୍

www.akhbarbadarqadian.in

ଗୁରୁବାର 10 ମାର୍ଚ୍ଚ 2016 30 ଜମାଦି ଅଓ୍ଵଲ୍ 1437 ଏ.ଏଚ୍


**❋ ମୁଁ ଏ କଥାକୁ କେବେ ହେଲେ ଭୁଲି ପାରିବି ନାହିଁ କି ସେ ଅତ୍ୟନ୍ତ ଉତ୍ସାହର ସହ ନିଷ୍ଠାପରତା ଦେଖାଇଲେ ଏବଂ ମୋ ପାଇଁ ପ୍ରତ୍ୟେକ ପ୍ରକାରର କଷ୍ଟ ଉଠାଇଲେ । ❋ ସ୍ଵର୍ଗୀୟ ହାଜି ସାହେବ ଜମାତର ବହୁତଙ୍କ ମୁଖ୍ୟ ଥିଲେ । ସେ ବ୍ୟକ୍ତିଗତ ଭାବେ ନିଜେ ନିଜକୁ ହୃଦୟରେ ସଂପ୍ରଦାୟରେ ଭୁକ୍ତ କରି ନେଇଥିଲେ । ❋ କାଜି ସାହେବ ଏ ବିନୀତର ନିର୍ବାଚିତ ବନ୍ଧୁମାନଙ୍କ ମଧ୍ୟ ଜଣେ ଅଟନ୍ତି । ସେ ସର୍ବଦା ସେବା କାର୍ଯ୍ୟରେ ଲିପ୍ତ ରହୁଥିଲେ ।**

# ହଜ୍‌ରତ୍ ମସିହ ମଉଦ୍[ଅ.ସ]ଙ୍କ ନୀତିବାଣୀ

**❋ ଲୁଧିଆନା ନିବାସୀ ମିର ଅବାସ ଅଲି :**

ସେ ମୋ ପ୍ରାରମ୍ଭିକ ବନ୍ଧୁ ଅଟନ୍ତି । ଯାହାଙ୍କ ହୃଦୟରେ ଅଲ୍ଲାଃତାଲା ସର୍ବ ପ୍ରଥମେ ମୋ ବିଷୟରେ ପ୍ରେମଭାବ ଉଜାଗର କରିଥିଲା । ଯିଏ ସର୍ବ ପ୍ରଥମେ ସମସ୍ତ ଦୁଃଖ କଷ୍ଟ ସହ୍ୟ କରି ଅଲ୍ଲାଙ୍କ ସକାଶେ ପୁଣ୍ୟ ପ୍ରଥାର ଅନୁଭବ ପାହୁଣ୍ଡ ଉଠାଇ ଯାତ୍ରା କରି କାଦିଆନରେ ମୋ ସହିତ ସାକ୍ଷାତ କରିଥିଲେ । ସେ ଏହି ଭଦ୍ର ବ୍ୟକ୍ତି ଅଟନ୍ତି । ମୁଁ ଏ କଥାକୁ କେବେ ହେଲେ ଭୁଲି ପାରିବି ନାହିଁ କି ସେ ଅତ୍ୟନ୍ତ ଉତ୍ସାହର ସହ ନିଷ୍ଠାପରତା ଦେଖାଇଲେ ଏବଂ ମୋ ପାଇଁ ପ୍ରତ୍ୟେକ ପ୍ରକାରର କଷ୍ଟ ଉଠାଇଲେ ଏବଂ ସମାଜର ମୁହଁରୁ ପ୍ରତ୍ୟେକ ପ୍ରକାରର କଥା ଶୁଣିଲେ । ମିର ସାହେବ ବହୁତ ଉତ୍ତମ ଚରିତ୍ରର ବ୍ୟକ୍ତି ଏବଂ ଏ ବିନୀତ ସହ ଆଧାତ୍ମିକ ସଂବନ୍ଧ ରଖିବା ବାଲା ତଥା ତାଙ୍କ ନିଷ୍ଠାପରତାର କର୍ତ୍ତବ୍ୟକୁ ପ୍ରମାଣିତ କରିବା ନିମନ୍ତେ ଏହା ଯଥେଷ୍ଟ ଯେ ଏକଦା ଏ ବିନୀତକୁ ତାଙ୍କ ବିଷୟରେ ଦୈବୀ ପ୍ରକଟନ ଇଲହାମ ହୋଇଥିଲା । **''ଅସ୍ ଲୋହୁ ସାବେତୁନ୍ ଓ୍ଵ ଫରଓ୍ଵହୁ ଫିସ୍ ସମାଏ''** ସେ ଏହି ଯାତ୍ରୀ ନିବାସରେ କେବଳ ବିଶ୍ଵାସରେ ବିଶ୍ଵାସ ଜନିତ ଜୀବନ ଅତିବାହିତ କରୁଛନ୍ତି । ତାଙ୍କ ପ୍ରାରମ୍ଭିକ ଦିନରେ ସେ କୋଡିଏ ବର୍ଷ ପର୍ଯ୍ୟନ୍ତ ଇଂରାଜୀ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟକର୍ତ୍ତା ରୂପେ ରହିଥିଲେ କିନ୍ତୁ ଦାରିଦ୍ର ସ୍ଵଭାବ ବଶତଃ ତାଙ୍କ ମଧ୍ୟରେ ନଜର ପକାଇଲେ କଦାପି ଧ୍ୟାନ ଆସି ନଥାଏ କି ସେ ଇଂରାଜୀ ବାବୁ ବି ଅଟନ୍ତି କିନ୍ତୁ ବାସ୍ତବରେ ସେ ବଡ ଯୋଗ୍ୟ ଏବଂ ଧୈର୍ଯ୍ୟଶୀଳ ତଥା ତୀକ୍ଷଣ ପାରଦର୍ଶୀ କିନ୍ତୁ ଏହା ବ୍ୟତୀତ ବହୁତ ସରଳ ଅଟନ୍ତି । ସେଥି ଯୋଗୁଁ କେତେକ ଶଂକା ତାଙ୍କ ହୃଦୟକୁ ଦୁଃଖିତ କରି ଦେଇଥାଏ । କିନ୍ତୁ ତାଙ୍କର ଦୃଢ଼ ବିଶ୍ଵାସ ବଳ ଶୀଘ୍ର ସେ ସବୁକୁ ଦୂର କରି ଦେଇଥାଏ ।

**❋ ସ୍ଵର୍ଗୀୟ ମୁନସୀ ଅହମଦଜାନ ସାହେବ :**

ଏ ସମୟରେ ଅତ୍ୟନ୍ତ ଦୁଃଖିତ ସହ ଏଘଟଣା ମୋତେ ଲେଖିବାକୁ ପଡୁଛି ଯେ ଏବେ ଆମର ଏ ପ୍ରିୟ ବନ୍ଧୁ ଏ ସଂସାରରେ ନାହାନ୍ତି ଏବଂ ଦୟାଳୁ କୃପାଳୁ ପ୍ରଭୁ ସ୍ଵର୍ଗ ଆଡକୁ ଡାକି ନେଲା ।**(ଇନ୍ନା ଲିଲ୍ଲାହେ ଓ୍ଵ ଇନ୍ନା ଇଲୈହେ ରାଜେଉନ୍ ଓ୍ଵ ଅନା ବେ ଫରକାହୁ ଲେମହଜୋନୁନ୍)** ସ୍ଵର୍ଗୀୟ ହାଜି ସାହେବ ଜମାତର ବହୁତଙ୍କ ମୁଖ୍ୟ ଥିଲେ । ଏବଂ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ପବିତ୍ରତା,ଆଦର୍ଶବାଦୀତା ଏବଂ ଅନୁସୃତ ପନ୍ଥାର ଅନୁଗାମୀ ହେବାର ସ୍ପଷ୍ଟ ପ୍ରକାଶିତ । ଯଦିଓ କି ଗୁଣବାନ ହଜରତ ଏ ବିନୀତର ପ୍ରାରମ୍ଭିକ ଦୀକ୍ଷା ଗ୍ରହଣ ପୂର୍ବରୁ ହିଁ ମୃତ୍ୟୁ ବରଣ କରି ଯାଇଥିଲେ । କିନ୍ତୁ ଏ କଥା ତାଙ୍କ ସ୍ଵଭାବରେ ଦେଖାଯାଏ ଯେ ସେ ବୈତୁଲ୍ଲାଃ (ଖାନା କାବା ) ଯିବାର କିଛି ଦିନ ପୂର୍ବରୁ ଏ ବିନୀତକୁ ଗୋଟିଏ ଚିଠି ଏପରି ବିନମ୍ରତା ସହ ଲେଖିଲେ ଯେଉଁଥିରେ ବାସ୍ତବରେ ସେ ବ୍ୟକ୍ତିଗତ ଭାବେ ନିଜେ ନିଜକୁ ହୃଦୟରେ ସଂପ୍ରଦାୟରେ ଭୁକ୍ତ କରି ନେଇଥିଲେ । ସୁତରାଂ ସେ ଏ ଚିଠିରେ ପୁଣ୍ୟବନ୍ତ ଜୀବନ ଆଦର୍ଶ ଅନୁଯାୟୀ ଅନୁତାପ କରିଛନ୍ତି । ଏବଂ ନିଜ କ୍ଷମା ପାଇଁ ଦୁଆ ଚାହିଁଛନ୍ତି । ପୁଣି ଲେଖିଛନ୍ତି ଯେ ଆପଣଙ୍କ ସହ ଏ ଯୋଗାଯୋଗ କେବଳ ଅଲ୍ଲାଃଙ୍କ ନିମନ୍ତେ ମନେ କରୁଛି । ପୁଣି ଲେଖିଛନ୍ତି କି ମୋ ଜୀବନର ଅତ୍ୟନ୍ତ ଉତ୍ତମ ଭାଗ ଏହା ଅଟେ ଯେ ମୁଁ ଆପଣଙ୍କ ସଂପ୍ରଦାୟରେ ଭୁକ୍ତ ହୋଇଗଲି । ପୁଣି ହୃଦୟକୁ ସାନ୍ତ୍ଵନା ଦେଇ ବିଗତ ଜୀବନର ଅଭିଯୋଗ ଲେଖିଲେ । ଏବଂ ଏପରି ବହୁତ ବିଚଳିତ କଥା ଲେଖିଲେ ଯାହା ଦ୍ଵାରା କାନ୍ଦ ଆସିଥାଏ । ସେହି ବନ୍ଧୁଙ୍କ ଅନ୍ତିମ ଚିଠି ଯାହା ଏକ ଦୁଃଖ ଦାୟକ ବର୍ଣ୍ଣନା ସହ ପରିପୂର୍ଣ୍ଣ ଅଟେ,ଏପର୍ଯ୍ୟନ୍ତ ମହଜୁଦ ଅଛି । କିନ୍ତୁ ଦୁଃଖର କଥା ଯେ ସେ ଖାନା କାବାର ହଜ କରି ଫେରିବା ସମୟରେ ଏପରି ରୋଗାଗ୍ରସ୍ତ ହୋଇ ପଡିଲେ କି ପୂନର୍ବାର ଶାକ୍ଷାତ ହୋଇ ପାରିଲା ନାହିଁ । ବରଂ କିଛି ଦିନ ପରେ ହିଁ ତାଙ୍କ ମୃତ୍ୟୁର ଖବର ଶୁଣାଗଲା । ଏବଂ ଖବର ଶୁଣି ସାମୂହିକ ଭାବେ କାଦିଆନରେ ଜନାଜାଃ ନମାଜ ପଢାଗଲା । ସ୍ଵର୍ଗୀୟ ହାଜି ସାହେବ ସତ୍ୟର ପ୍ରକାଶ କରିବାରେ ସାହାସୀ ବ୍ୟକ୍ତି ଥିଲେ । କେତେକ ଅଜ୍ଞ ଲୋକମାନେ ହାଜି ସାହେବଙ୍କୁ ମୋ ସହ ସଂପର୍କ ରଖିବା ପାଇଁ ବାରଣ କରିଥିଲେ । ଏବଂ କହିଥିଲେ କି ଏ ସଂପର୍କ ଦ୍ଵାରା ତୁମର(ହାଜି ସାହେବଙ୍କର)ସମ୍ମାନ ହାନୀ ହେବ । କିନ୍ତୁ ସେ କହିଲେ କି ମୋତେ କୌଣସି ସମ୍ମାନର ଖାତର ନାହିଁ । ଏବଂ ନାଁ ହିଁ ଅନୁଗାମୀମାନଙ୍କର ଆବଶ୍ୟକତା । ଆପଣଙ୍କ ସୁପୁତ୍ର ହାଜି ଇଫତେଖାର ଅହମଦ ସାହେବ ଆପଣଙ୍କ ଆଦର୍ଶାନୁଯାୟୀ ଏବିନୀତ ସହ ସଂପୂର୍ଣ୍ଣ ସଦବ୍ୟବହାର ରଖୁଛନ୍ତି । ଏବଂ ତାଙ୍କ ମୁଖରୁ ପବିତ୍ରତା ସତ୍ୟତା ଓ ଧର୍ମଭୀରୁତା ପ୍ରକାଶ ହେଉଛି । ସେ ଉଚ୍ଚ ସ୍ତରର ସେବାକାର୍ଯ୍ୟ କରିଥାନ୍ତି । ସେ ଏ ପଥରେ ମନ ପ୍ରାଣ ସହ ଉତ୍ସର୍ଗୀକୃତ । ଅଲ୍ଲାଃତାଲା ତାଙ୍କୁ ବାହ୍ୟ ଓ ଅନ୍ତରାଳ ସମୃଦ୍ଧି ସହ ଲାଭବାନ କରାନ୍ତୁ ।

**❋ କାଜି ଖ୍ଵାଜା ଅଲି ସାହେବ :**

କାଜି ସାହେବ ଏ ବିନୀତର ନିର୍ବାଚିତ ବନ୍ଧୁମାନଙ୍କ ମଧ୍ୟ ଜଣେ ଅଟନ୍ତି । ପ୍ରେମ, ନିଷ୍ଠା ଓ ସତ୍ୟ ବିଶ୍ଵାସର ଆଦର୍ଶ ତାଙ୍କ ମୁଖରୁ ଝଟକୁ ଥିଲା । ପ୍ରତ୍ୟେକ ମୁହୂର୍ତ୍ତରେ ସେବାକାର୍ଯ୍ୟ ପାଇଁ ଅଣ୍ଟା ଭିଡି ଛିଡା ହୋଇଥାନ୍ତି । ସେ ସେହି ପ୍ରାରମ୍ଭିକ ଓ ପୂର୍ବତନମାନଙ୍କ ମଧ୍ୟରେ ପରିଗଣିତ ଯାହାଙ୍କ ମଧ୍ୟରେ ଭାଇ ମିର ଅବାସ ଅଲି ଅଟନ୍ତି । ସେ ସର୍ବଦା ସେବାକାର୍ଯ୍ୟରେ ଲିପ୍ତ ରହୁଥିଲେ । ଲୁଧିଆନାରେ (ଯେବେ ମୋର)ଛଅ ମାସ ପର୍ଯ୍ୟନ୍ତ ବି ରହିବାର ହୋଇଥାଏ,ସେ ଅଧିକାଂଶ ସମୟରେ ମୋର ଅତିଥି ସତ୍କାର କରିଥାନ୍ତି । ଯେପର୍ଯ୍ୟନ୍ତ ତାଙ୍କ ବଳଶକ୍ତି ଥାଏ । ସେ ସେବା,ସହାନୁଭୂତି,ଓ ପରଉପକାରରେ ତିଳେ ହେଲେ କୌଣସି ଫରକ କରିନଥାନ୍ତି । ଯଦିଓ କି ସେ ପୂର୍ବରୁ ନିଷ୍ଠାବାନ ଓ ପବିତ୍ର ଅଟନ୍ତି । କିନ୍ତୁ ମୁଁ ଦେଖୁଛି କି ବହୁତ ନିକଟତର ହୋଇଗଲେଣି । ମୁଁ ମନେକରୁଛି କି ସତ୍ୟତାର ଆଲୋକ ଏକ ନିଷ୍ଠାପର ସହ ଅଲ୍ଲାଙ୍କ ପ୍ରେମରେ ସର୍ବଦା ତାଙ୍କୁ ଉନ୍ନୀତ କରିଚାଲିଛି । ମୋତେ ଜଣାପଡୁଛି ଯେ ସେ ସେହି ଉନ୍ନୀତ ଯୋଗୁଁ ନିଜ ଉତ୍ତମ ଚିନ୍ତାଧାରା ଅବସ୍ଥାରେ ଅଧିକରୁ ଅଧିକ ପବିତ୍ରତା ହାସଲ କରି ଚାଲିଛନ୍ତି । ତଥା ଆଧାତ୍ମିକ ଦୁର୍ବଳତା ଉପରେ ଜୟଲାଭ କରିଯାଉଛନ୍ତି । ମୋ ହୃଦୟ ତାଙ୍କ ବିଷୟରେ ଏହା ସାକ୍ଷ୍ୟ ଦେଇଥାଏ ଯେ ସେ ସଂସାରିକ ଦୃଷ୍ଟିକୋଣରୁ ଜଣେ ସଠିକ ଏବଂ ତୀକ୍ଷଣ ଦୂର ଦୃଷ୍ଟି ରଖନ୍ତି । ଏବଂ ପ୍ରଭୁଙ୍କ କୃପାରୁ ଏ ବିନୀତର ଆଧାତ୍ମିକ ପରିଚୟର ବି ଏକ ବଡ ଭାଗ ତାଙ୍କୁ ଦିଆଯାଇଛି । ଆଦର୍ଶ ଓ ସତ୍‌ଯ୍ୟାମନାରେ ସେ ପବିତ୍ରତା ହାସଲ କରି ଚାଲିଛନ୍ତି । ଏବଂ ଅଭିଯୋଗରେ କମି ଓ ଉତ୍ତମ ଚିନ୍ତାଧାରାରେ ତାଙ୍କ ପାହୁଣ୍ଡ ଆଗକୁ ଆଗକୁ ବଢିଚାଲିଛି । ମୋ ମତରେ ସେ ବିପଦସଂକୁଳ ପରିସ୍ଥିତିରୁ ବାହାରି ଯାଇଛନ୍ତି । ଯେଉଁଠି କୌଣସି ବଡ ଭୟାବହ ବିପତ୍ତିର ଡର ରହିନଥାଏ ।**(ଏଜାଲା ଔହାମ୍, ରୁହାନୀ ଖଜାଏନ, ଖଣ୍ଡ- ୩, ପୃଷ୍ଠା - ୫୨୭, ୫୩୦)**


ପ୍ରିଣ୍ଟର୍ ଓ ପବ୍ଲିସର୍: ଜମିଲ୍ ଅହମ୍ମଦ ନାସିର, ଫଜଲେ ଉମର ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ଵାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର, ତତ୍ତ୍ଵାବଧାରକ ବଦର ବୋର୍ଡ଼ କାଦିଆନ୍ ।

## ସମ୍ପାଦକୀୟ...

# ଶାନ୍ତି ପ୍ରତିଷ୍ଠା ପାଇଁ ମୋ ଆଗମନ

ଇସଲାମ୍ ଧର୍ମ କୌଣସି ନୂତନ ଧର୍ମ ନୁହେଁ, ଏହା ସଂସାରର ପ୍ରଥମ ଅବତାର ହଜରତ୍ ଆଦମ୍[ଅସ]ଙ୍କ ଠାରୁ ଆରମ୍ଭ ହୋଇ ହଜରତ ମହମ୍ମଦ[ସଅ]ଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି ଓ 'ଇସଲାମ୍ ଧର୍ମ' ରୂପେ ନାମକରଣ କରା ଯାଇଅଛି, ଯାହା ପବିତ୍ର କୁରଆନ୍‌ରୁ ପ୍ରମାଣିତ । ଇସଲାମ ଧର୍ମ ଏକେଶ୍ୱରବାଦ ଭିତ୍ତିକ ଧର୍ମ ଓ ମନୁଷ୍ୟର ପ୍ରକୃତିଗତ ଧର୍ମ । ମନୁଷ୍ୟର ପ୍ରକୃତିରେ ଏକେଶ୍ୱରବାଦର ସତ୍ୟତା ରହିଅଛି, କାରଣ ସମସ୍ତ ମନୁଷ୍ୟମାନଙ୍କ ଠାରେ ଆତ୍ମା ରହିଅଛି । ଯାହାକୁ ଜୀବାତ୍ମା କହନ୍ତି ଓ ସେହି ଆତ୍ମାକୁ ପ୍ରଦାନ କରିଛନ୍ତି ଅଲ୍ଲାଃ ପରମାତ୍ମା । ମନୁଷ୍ୟ ନିଜ ଆତ୍ମାକୁ ନଦେଖି ମଧ୍ୟ ବିଶ୍ୱାସ କରୁଅଛି । ସେହି ପରମାତ୍ମା ଅଲ୍ଲାଃଙ୍କ ଆଦେଶ ଅନୁସାରେ ଶରୀର ମଧ୍ୟରେ ଆତ୍ମାକୁ ପ୍ରବିଷ୍ଟ କରା ଯାଇଅଛି ଓ ତାଙ୍କରି ଡାକରା ଆସିଲେ ଆତ୍ମାଟି ପିଣ୍ଡ ଛାଡି ଚାଲି ଯାଉଛି । କାହାର ଶକ୍ତି ନାହିଁ ତାକୁ ରୋକି ରଖିବା ପାଇଁ କିମ୍ବା ଧରିବା ପାଇଁ । ଏହା ସମସ୍ତେ ଅନୁଭବ କରୁଛନ୍ତି ଯେ ଇସଲାମ୍ ଧର୍ମ ବିଶ୍ୱଶାନ୍ତି ପ୍ରତିଷ୍ଠା ଓ ବିଶ୍ୱ ଭାତୃଭାବ ପ୍ରତିଷ୍ଠାକାରୀ ଧର୍ମ । ଏହି ଧର୍ମରେ ସମସ୍ତ ମାନବ ଜାତିକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜର ସହୋଦର ମିତ୍ର ରୂପେ ସ୍ୱୀକାର କରିବା ଓ ସମସ୍ତ ଅବତାରମାନଙ୍କୁ ନିଜର ବୋଲି ବିଶ୍ୱାସ କରି ତାଙ୍କୁ ସମ୍ମାନ ଜଣାଇବା ପାଇଁ ଆଦେଶ ଦିଆଯାଇଛି ।

ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇସଲାମର ପ୍ରତିଷ୍ଠାତା ହଜରତ ମହମ୍ମଦ[ସଅ] ବିଶ୍ୱସ୍ରଷ୍ଟା ଅଲ୍ଲାଃତାଲାଙ୍କ ଠାରୁ ଆଦେଶ ପ୍ରାପ୍ତ କରି ଏହା ଘୋଷଣା କରିଛନ୍ତି ଯେ 'ଯେପରି ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ଅଛି **"କୁଲ ୟା ଅଇୟୋହନ ନାସୋ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ"** ଅର୍ଥାତ୍ 'ହେ ମହମ୍ମଦ ସଲମ୍! ତୁମେ କୁହ ଯେ ହେ ସମସ୍ତ ମାନବଜାତି, ଆମ୍ଭେ ନିଶ୍ଚୟ ତୁମ ସମସ୍ତଙ୍କ ପାଇଁ ଆକାଶ ଓ ପୃଥିବୀର ଅଧୀଶ୍ୱର ଅଲ୍ଲାଃଙ୍କ ଧର୍ମ ତଥା ରସୁଲ(ଦିବ୍ୟ ବାର୍ତ୍ତାବହ) ରୂପେ ପ୍ରେରିତ ହୋଇଛୁ ।' **(ସୁରଃ ଆରାଫ୍ ୧୫୯)**

ହଜରତ୍ ମହମ୍ମଦ[ସଅ] ସମସ୍ତ ମାନବଜାତି ପାଇଁ ପ୍ରେରିତ ହେବା ସଂଗେ ସଂଗେ ଏହା ମଧ୍ୟ କହିଛନ୍ତି, **"ଅଲ୍ ଖଲକୋ ଅୟାଲୁଲ୍ଲାଃ ଫାଅହବ୍‌ବୁଲ୍ ଖଲ୍‌କେ ଇଲଲ୍ଲାହି ମନ୍‌ଅହସାନା ଇଲ୍ଲା ଅୟାଲିହି'** (ହଦିସ୍) ଅର୍ଥାତ୍ ସମସ୍ତ ସୃଷ୍ଟଜ ପ୍ରାଣୀ ମନୁଷ୍ୟ ହେଉଛି ଅଲ୍ଲାଃଙ୍କ ସନ୍ତାନ । ଅଲ୍ଲାଃଙ୍କ ନିକଟରେ ସ୍ନେହର ପାତ୍ର ସେହି ଯେ ନିଜର ମନୁଷ୍ୟ ଭାଇ ସହିତ ଭଲ ବ୍ୟବହାର କରେ । ସୁତରାଂ ଇସଲାମ ଧର୍ମ ବିଶ୍ୱଶାନ୍ତି ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାକାରୀ ଧର୍ମ ।

ମନୁଷ୍ୟକୁ ପରମାତ୍ମା ଅଲ୍ଲାଃ ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ସୃଷ୍ଟି କରିବା ସହିତ ସଂସାରର ସମସ୍ତ ବସ୍ତୁକୁ ମନୁଷ୍ୟ ସେବାରେ ନିୟୋଜିତ କରିଛନ୍ତି । ଯଥା- ଚନ୍ଦ୍ର,ସୂର୍ଯ୍ୟ, ପାଣି, ପବନ, ବୃକ୍ଷଲତା ଓ ଗ୍ରହ, ନକ୍ଷତ୍ର ଇତ୍ୟାଦି ବିନା ମୂଲ୍ୟର ବିନିମୟରେ ମାନବ ସେବାରେ ଲାଗିଛନ୍ତି । ସେହିପରି ଆତ୍ମଶାନ୍ତି ଓ ଆତ୍ମାର ସଦ୍‌ଗତି ଲାଭ କରିବା ଓ ଅଶାନ୍ତିରୁ ବଞ୍ଚିତ ହେବା ପାଇଁ ଧର୍ମ ଶିକ୍ଷା ଦେଇଛନ୍ତି । ଧର୍ମର ପ୍ରଧାନ କର୍ମ ହେଉଛି ଆତ୍ମାର ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନ କରିବା ଯାହା ମନୁଷ୍ୟ ଜୀବନର ପ୍ରଧାନ ଲକ୍ଷ୍ୟ । ପବିତ୍ର କୁରଆନ୍‌ରେ ଅଲ୍ଲାଃ ପରମବ୍ରହ୍ମ ମନୁଷ୍ୟ ଜୀବନର ପ୍ରଧାନ ଲକ୍ଷ୍ୟ ନିର୍ଣ୍ଣୟ କରି ଏହା ଉଲ୍ଲେଖ କରିଛନ୍ତି, **"ୱ୍ୱମା ଖଲକ୍‌ତୁଲ୍ ଜିନ୍ନା ୱ୍ୱଲ୍ ଇନ୍‌ସା ଇଲ୍ଲାଲିୟା ବୁଦୁନ୍" (ସୁରଃ ଯାରିୟାତ୍ ୫୮)** ଅର୍ଥାତ୍- 'ଆମ୍ଭେ ଜିନ୍ ଓ ଇନ୍‌ସାନ (ଦାନବ ଓ ମାନବ)ମାନଙ୍କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ,' ଏହି ଶ୍ଳୋକରୁ ପ୍ରମାଣିତ ହୁଏ ଯେ ସମସ୍ତ ବସ୍ତୁର ସୃଷ୍ଟି ମନୁଷ୍ୟ ସେବାପାଇଁ ଉଦ୍ଦିଷ୍ଟ । ମନୁଷ୍ୟର ସୃଷ୍ଟି ଅଲ୍ଲାଃ ପରମାତ୍ମାଙ୍କ ଆରାଧନା ପାଇଁ, ଯାହାଦ୍ୱାରା ଆତ୍ମଶାନ୍ତି ତଥା ପରମାନନ୍ଦ ଲାଭ ହୁଏ ତଥା ତାଙ୍କରି ସାନିଧ ପ୍ରାପ୍ତ ହୋଇ ସତକାର୍ଯ୍ୟ କରିବା ପାଇଁ ଶକ୍ତି ଆହରଣ କରାଯାଏ । ମନୁଷ୍ୟ ଯେତେବେଳେ ତା'ର ଏହି ଜନ୍ମର ଉଦ୍ଦେଶ୍ୟକୁ ଭୁଲି ଯାଇ ଅଶାନ୍ତିରେ ପତିତ ହୁଏ, ସେତେବେଳେ ଅଲ୍ଲାଃ ବିଭିନ୍ନ ସମୟରେ ବିଭିନ୍ନ ଦେଶମାନଙ୍କରେ ନିଜର ପ୍ରେରିତ ଦୂତ, ଅବତାର,ନବୀ, ରସୁଲମାନଙ୍କୁ ଆବିର୍ଭାବ କରି ମନୁଷ୍ୟ ସମାଜକୁ ଚେତନା ଦେଇ ଆସିଛନ୍ତି । ଯେପରି ପବିତ୍ର କୁରଆନରେ ଅଲ୍ଲାଃଙ୍କର ବାଣୀର ଏହିପରି ଉଲ୍ଲେଖ ଅଛି, **'ୱ୍ୱଲକଦ୍ ଜଲ୍ଲା କବଲହୁମ୍ ଅକସରୁଲ୍ ଅୱ୍ୱାଲିନା, ୱ୍ୱଲକଦ୍ ଅରସଲନା ଫିହିମ୍ ମୁନଯିରିନ୍" (ସୁରଃ ଓଫ, ୭୨-୭୩)** ଅର୍ଥାତ୍ 'ସେମାନଙ୍କ ପୂର୍ବରୁ ଅନେକ ପୂର୍ବତନ ସମ୍ପ୍ରଦାୟ ମଧ୍ୟ ପଥଭ୍ରଷ୍ଟ ହୋଇଛନ୍ତି ଏବଂ ଆମ୍ଭେ ସେମାନଙ୍କ ମଧ୍ୟରେ ରସୁଲ(ଅବତାର) ପ୍ରେରଣ କରିଅଛୁ ।'

ହଜରତ୍ ମହମ୍ମଦ[ସଅ] ଅଲ୍ଲାଃଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରି କହିଛନ୍ତି ଯେ ସର୍ବପ୍ରଥମେ ଆଦମ୍ ନବିଙ୍କ ଠାରୁ ଆଜି ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଅଞ୍ଚଳରେ ଧର୍ମ ପ୍ରତିଷ୍ଠା ପାଇଁ ଏକଲକ୍ଷ ଚବିଶ ହଜାର ନବି, ଅବତାର ଅଲ୍ଲାଃଙ୍କ ତରଫରୁ ପ୍ରେରିତ ହୋଇଛନ୍ତି । ସେମାନେ ସମସ୍ତେ ଏକ ପରମେଶ୍ୱର ଅଲ୍ଲାଃଙ୍କ ଉପାସନା କରିବା ପାଇଁ ଉପଦେଶ ଦେଇଛନ୍ତି । ସମସ୍ତ ଧର୍ମ ଶାସ୍ତ୍ରମାନଙ୍କରେ ଏହାର ଉଲ୍ଲେଖ ରହିଛି । ଧର୍ମଶାସ୍ତ୍ର ଗୁଡିକୁ ଅଧ୍ୟୟନ କଲେ ଏହା ମଧ୍ୟ ପ୍ରମାଣିତ ହୁଏ ଯେ ପ୍ରତ୍ୟେକ ଧର୍ମର ଲକ୍ଷ୍ୟ ଏକ । ତାହା ହେଉଛି ଅଲ୍ଲାଃ ପରମେଶ୍ୱରଙ୍କ କରୁଣା ଓ ସନ୍ତୋଷକୁ ପ୍ରାପ୍ତ କରିବା । ଏବଂ ସେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉପାୟ ମଧ୍ୟ ଏକ । ଆତ୍ମାର ପରମାତ୍ମାଙ୍କ ସହିତ ସଂଯୋଗ, ଧାନ, ତପସ୍ୟା ଓ ନମାଜ କିମ୍ବା ପ୍ରାର୍ଥନା ମାଧ୍ୟମରେ ସଂପର୍କ ସ୍ଥାପନ କରିବା । ଏଥିରେ ସମସ୍ତ ଧର୍ମ ଶାସ୍ତ୍ର ଏକମତ ।

ସେଗୁଡିକରୁ ଏହା ମଧ୍ୟ ପ୍ରମାଣ ମିଳେ ଯେ ବର୍ତ୍ତମାନ ସମୟ ଅନ୍ତିମ ଯୁଗ ବା କଳିଯୁଗ । ଏହି ଯୁଗରେ ଧର୍ମର ଗ୍ଲାନି ହେବ ଓ ପୁନର୍ବାର ଧର୍ମ ପ୍ରତିଷ୍ଠା କରିବା ପାଇଁ ଜଣେ ଅବତାର ଆବିର୍ଭାବ ହେବେ । ଯେପରି ବାଇବେଲ୍, ଗୀତା, ମାଳିକା, ପବିତ୍ର କୁରଆନ ଓ ହଦିସ୍‌ରେ ଉଲ୍ଲେଖ ଅଛି, ସେସବୁ ଦୈବିବାଣୀ କେବେ ହେଲେ ଅନ୍ୟଥା ହୋଇପାରେ ନାହିଁ । ବର୍ତ୍ତମାନ ସମୟରେ ସମସ୍ତେ ଏହା ଅନୁଭବ କରୁଛନ୍ତି ଯେ ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ଧର୍ମର ମୂଳ ଶିକ୍ଷାରୁ ଦୂରେଇ ଯାଇ ନିଜର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାଙ୍କୁ ପାଶୋରି ଦେଇଛନ୍ତି ଏବଂ କ୍ଷଣସ୍ଥାୟୀ ସଂସାରରେ ଲୋଭ, ମୋହ,ମାୟାର ଲାଳସାରେ ଲିପ୍ତ ହୋଇ ଅଶାନ୍ତି ଭୋଗ କରୁଛନ୍ତି । ଯେତେ ଧନ ଉପାର୍ଜନ କଲେ ସୁଦ୍ଧା ଆତ୍ମଶାନ୍ତି ମିଳୁନାହିଁ । ଏହି ଘୋର ଅଶାନ୍ତିରୁ ମୁକ୍ତିଦେବା ଓ ଆତ୍ମଶାନ୍ତି ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ଅଲ୍ଲାଃ ପରମାତ୍ମା ଯୁଗାବତାରଙ୍କୁ ପ୍ରେରଣ କରି ସାରିଛନ୍ତି, ଯାହାଙ୍କର ନାମ ହଜରତ ମିର୍ଜା ଗୁଲାମ୍ ଅହମଦ୍[ଅସ] । ସେ ଆମ ଦେଶ ଭାରତ ବର୍ଷର ପଞ୍ଜାବ ପ୍ରଦେଶ କାଦିୟାନ୍ ପୁଣ୍ୟପୀଠରେ ଜନ୍ମ ଲାଭ କରିଛନ୍ତି । ସେ ଐଶ୍ୱରିକ ବାଣୀ ପ୍ରାପ୍ତ ହୋଇ ଏହି ଘୋଷଣା କରିଛନ୍ତି ଯେ ଅଲ୍ଲାଃ ମୋତେ ଏ ଯୁଗରେ ମୁସଲମାନ ମାନଙ୍କ ପାଇଁ ଇମାମ୍ ମେହଦି, ଖ୍ରୀଷ୍ଟିୟାନମାନଙ୍କ ପାଇଁ ପ୍ରତିଶ୍ରୁତ ମସିହ ଏବଂ ହିନ୍ଦୁମାନଙ୍କ ପାଇଁ ଶ୍ରୀକୃଷ୍ଣଙ୍କ ରୂପରେ ପ୍ରେରିତ କରିଛନ୍ତି । ବର୍ତ୍ତମାନ ଯୁଗାବତାର ଯେଉଁ ସଂଗଠନ ତିଆରି କରିଛନ୍ତି ତାର ନାମ 'ଜମାଅତ୍ ଅହମଦୀୟା' ବା ଅହମଦୀୟା ମୁସଲିମ୍ ସଂଗଠନ । ଏହି ଜମାଅତର କାର୍ଯ୍ୟ ହେଉଛି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବ ଜାତିର ସେବା କରିବା ଏବଂ ବିଶ୍ୱ ଭାତୃଭାବ ପ୍ରତିଷ୍ଠା କରିବା । ଏହି ଜମାଅତ ୧୮୮୯ ମସିହାରେ ପ୍ରତିଷ୍ଠା ହୋଇ ଶତୃ ଓ ବିରୁଦ୍ଧାଚରଣ ଗୋଷ୍ଠୀଙ୍କ ପକ୍ଷରୁ ଯେତେ ମାତ୍ରାରେ ଦୁଃଖ ନିର୍ଯ୍ୟାତନା ଭୋଗ କରୁଛି ସେତିକି ଅଧିକ ମାତ୍ରାରେ ବଢ଼ି ଚାଲିଛି । ୧୨୫ବର୍ଷ ମଧ୍ୟରେ ଏହି ଜମାଅତ୍ ବିଶ୍ୱର ୨୦୭ ଗୋଟି ଦେଶରେ ବିସ୍ତାର ଲାଭ କରିଅଛି । ଏହି ଜମାଅତରେ ବିଶ୍ୱର ସବୁ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବହୁ ବିଶିଷ୍ଟ ଜ୍ଞାନୀ ଲୋକମାନେ ଅନ୍ତର୍ଭୁକ୍ତ ହୋଇଛନ୍ତି,ଯେପରି ବିଶ୍ୱ ଅଦାଲତର ପ୍ରଧାନ ବିଚାରପତି ସାର୍ ଚୌଧୁରୀ ଜଫରୁଲ୍ଲା ଖାନ୍, ପୃଥିବୀର ପ୍ରଥମ ମୁସଲମାନ ନୋବେଲ୍ ପୁରସ୍କାର ପ୍ରାପ୍ତ ଡକ୍ଟର ଅବ୍‌ଦୁସ୍ ସଲାମ ଓ ଗାମ୍ବିଆ (ଆଫ୍ରିକା)ର ପୂର୍ବତନ ଗଭର୍ଣ୍ଣର ଏଫ୍.ଏମ୍. ସିଂଘାଟେ ଇତ୍ୟାଦି । ସେହିପରି ଆଫ୍ରିକାର ଅନେକ ମହାରାଜା ମଧ୍ୟ ଏହି ଜମାଅତରେ ସାମିଲ ହୋଇ ସୁଖ୍ୟାତି ଅର୍ଜନ କରିବାର ସୌଭାଗ୍ୟ ପାଇଛନ୍ତି ।

ଏହି ଜମାତର ସର୍ବୋଚ୍ଚ ଗୁରୁ ତଥା ପଞ୍ଚମ ଖଲିଫା ହଜରତ୍ ମିର୍ଜା ମସ୍‌ରୁର୍ ଅହମଦ ସାହେବ୍ ବର୍ତ୍ତମାନ ଲଣ୍ଡନରେ ଅବସ୍ଥାନ କରୁଛନ୍ତି । ସେ ବିଭିନ୍ନ ଦେଶମାନଙ୍କୁ ଭ୍ରମଣ କରି ବିଶ୍ୱରେ କିପରି ଶାନ୍ତି ଓ ସାଂପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା କରା ଯାଇପାରିବ, ତାହାର ଉପାୟ ଓ ନୀତିଶିକ୍ଷା ଦେଉଛନ୍ତି । ଏପରିକି ଆମେରିକା, ଜର୍ମାନୀ, ୟୁରୋପୀୟାନ୍ ପାର୍ଲାମେଣ୍ଟ, ବ୍ରିଟିଶ ପାର୍ଲାମେଣ୍ଟ ଓ ସିଙ୍ଗାପୁର , ଅଷ୍ଟ୍ରେଲିଆ ଇତ୍ୟାଦି ଦେଶ ମାନଙ୍କରେ ଇସଲାମୀୟ ଶିକ୍ଷା ଅନୁସାରେ ସାରଗର୍ଭକ ବକ୍ତବ୍ୟ ପରିବେଷଣ କରି ପ୍ରେମ ଓ ମୈତ୍ରୀର ମୂଳମନ୍ତ୍ର ବତାଉଛନ୍ତି ।

**ସହ-ସଂପାଦକ : ମୌ. ଫଜଲ ହକ୍ ଖାନ**
**ମୋ : ୯୪୩୭୬୪୫୬୬୭**

# ଖୁତ୍‌ବା ଜୁମା

**ଗତ ଜୁମାରେ ମୁଁ କହିଥିଲି ଯେ (ପାକିସ୍ତାନ)ପଞ୍ଜାବ୍ ସରକାର ଜମାଅତ୍ ଅହମଦୀୟା ଦ୍ୱାରା ପ୍ରକାଶିତ କେତେକ ଖବର କାଗଜ ଓ ପୁସ୍ତକ ଉପରେ ରହିତାଦେଶ ଜାରି କରିଛନ୍ତି ଯେ ସେଗୁଡ଼ିକର ପ୍ରକାଶନ ହୋଇପାରିବ ନାହିଁ ଅଥବା ପୁନଃ ପ୍ରସାରଣ (Display) ଇତ୍ୟାଦି ହୋଇପାରିବ ନାହିଁ । ସେଠାରେ ଏଥି ସମ୍ୱନ୍ଧରେ କେତେକ ଖବର କାଗଜରେ ଖବର ମଧ୍ୟ ପ୍ରସାରଣ କରିଛନ୍ତି । ଜମାଅତ୍ ଅହମଦୀୟା ଇତିହାସରେ ସେହି ଅସାଧୁ ଓଲମା (ଧର୍ମ ବିଦ୍ରୋହୀ)ଙ୍କ କହିବା ଅନୁଯାୟୀ ସେହିପରି କାର୍ଯ୍ୟକଳାପ ପୂର୍ବରୁ ହେଉଥିଲା ଓ ଏବେ ମଧ୍ୟ ହେଉଅଛି । ପ୍ରଥମରୁ ହିଁ ଯେବେଠାରୁ ଜମାଅତ୍ ଅହମଦୀୟା ପ୍ରତିଷ୍ଠା ହେଲା, ସେବେ ଠାରୁ ଏପରି ବେନିୟମ କାର୍ଯ୍ୟ ଏହି ଲୋକମାନେ କରି ଆସୁଛନ୍ତି ଓ କରି ଚାଲିଥିବେ । ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା ପ୍ରଥମେ କେବେ ନା ଜମାଅତର କ୍ଷତି ହୋଇଛି ନା ଅଲ୍ଲାଃ ଚାହିଲେ ଆଗକୁ କେବେ କ୍ଷତି ହେବ । ସେମାନେ ଆମକୁ କୌଣସି କ୍ଷତି ପହଞ୍ଚାଇ ପାରିବେ ନାହିଁ, ନା' ତ କୌଣସି ମାଆ ସେପରି ସନ୍ତାନକୁ ଜନ୍ମ ଦେଇଛି ଯିଏ ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଈଶ୍ୱର ପରିଚାଳିତ ସମ୍ପ୍ରଦାୟକୁ ଅଗ୍ରସର ହେବାରୁ ରୋକିପାରିବ ।**

ସେମାନେ କେବେ ଏହା ଜାଣିବା ପାଇଁ ଚେଷ୍ଟା କରିନାହାନ୍ତି ଯେ ଦେଖ, ଇସ୍‌ଲାମ୍‌ର ବାସ୍ତବ ଶିକ୍ଷା ଓ ହଜରତ୍ ମହମ୍ମଦ[ସଅ]ଙ୍କ ପ୍ରତିଷ୍ଠା ଓ ସ୍ତରକୁ ହଜରତ ମସିହ ମଉଦ[ଅସ] କିପରି ବର୍ଣ୍ଣନା କରିଛନ୍ତି ଏବଂ ଜମାଅତ୍ ଅହମଦୀୟାର ଧର୍ମତତ୍ତ୍ୱ ଜ୍ଞାନ ଭିତ୍ତିକ ପୁସ୍ତକରେ ଏ ସମସ୍ତ ବିଷୟ କିପରି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି ।

ସବୁବେଳ ପରି ସେହି ଶତ୍ରୁମାନଙ୍କର ଏପରି କାର୍ଯ୍ୟଶୈଳୀ ଆମ ବିଶ୍ୱାସକୁ ଅଧିକ ମାର୍ଜିତ କରିବା ପାଇଁ ଓ ହଜରତ ମସିହ ମଉଦ[ଅସ]ଙ୍କ ସହିତ ସଂପର୍କ ବୃଦ୍ଧି କରିବା ପାଇଁ ଉର୍ବରତା ବଢ଼ାଉ ଥିବା ସାର ଭଳି କାମ ଦେବା ଉଚିତ୍ । ଯଦିଓ ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକଗୁଡ଼ିକ ପଢ଼ିବା ପାଇଁ ସାର ଭଳି କାମ ଦେଉଛି । ଯଦିଓ ତାଙ୍କ ଦ୍ୱାରା ରଚିତ ପୁସ୍ତକ ଗୁଡ଼ିକ ପଢ଼ିବାର ଆଗ୍ରହ କମ୍ ରହିଥାଏ, ତେବେ ବର୍ତ୍ତମାନ ସେଥିପ୍ରତି ଅଧିକ ଧ୍ୟାନ ଆକର୍ଷିତ ହେବା ଉଚିତ୍ ।

**ଗୋଟିଏ ରାଜ୍ୟ ପଞ୍ଜାବ ସରକାରଙ୍କ ପ୍ରତିବନ୍ଧକ ଦ୍ୱାରା କ'ଣ ସମଗ୍ର ପୃଥିବୀର ସରକାରଙ୍କ ନିଷେଧାଦେଶ ଲାଗୁ କରାଗଲେ ମଧ୍ୟ ଏହି କାର୍ଯ୍ୟକୁ ରୋକା ଯାଇପାରିବ ନାହିଁ । କାରଣ ଏହା ମନୁଷ୍ୟକୃତ ନୁହେଁ । ବରଂ ଏହା ଈଶ୍ୱରୀୟ କାର୍ଯ୍ୟ । ହଜରତ ମସିହ ମଉଦ[ଅସ]ଙ୍କ ତତ୍ତ୍ୱଜ୍ଞାନ ମୂଳକ ଶିକ୍ଷା, ପୁଣ୍ୟ ଅର୍ଜିତ ଭଣ୍ଡାର ସହିତ ପ୍ରେରଣ କରାଯାଇଥିଲା ଏବଂ ତାଙ୍କୁ ସଫଳତାର ପ୍ରତିଶ୍ରୁତି ଦିଆଯାଇଥିଲା । ସର୍ବଦା ଆମେ ଏହା ଦେଖିଛୁ ଯେ ବଡ଼ ବଡ଼ ପ୍ରତିରୋଧ ଓ ଶତ୍ରୁତା ପରେ ଜମାଅତ୍‌ର ଉନ୍ନତି ଅଧିକ ମାତ୍ରାରେ ପ୍ରକାଶିତ ହୋଇଚାଲିଛି ।**

ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକ ବର୍ତ୍ତମାନ ତ ପୃଥିବୀର ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଛପା ହେଉଛି । ୱେବ୍ ସାଇଟ୍‌ରେ ଓ ଅଡ଼ିଓରେ ମଧ୍ୟ କେତେକ ପୁସ୍ତକ ଉପଲବ୍ଧ ହେଉଛି । ଅବଶିଷ୍ଟ ମଧ୍ୟ ଅଲ୍ଲାଃ ଚାହିଁଲେ ଶୀଘ୍ର ଉପଲବ୍ଧ କରାଯିବା ପାଇଁ ଉଦ୍ୟମ ହେବ । ଯୁଗ ଥିଲା ଯେତେବେଳେ ଏହା ଚିନ୍ତା କରା ଯାଉଥିଲା ଯେ ଛପାକାର୍ଯ୍ୟରେ ରହିତାଦେଶ ଦ୍ୱାରା ବହୁତ କ୍ଷତି ହେବ । ବର୍ତ୍ତମାନ ତ ଅଲ୍ଲାଃତାଲାଙ୍କ କୃପାରୁ ଶିକ୍ଷା ଓ ଜ୍ଞାନ ଏପରି ମାତ୍ରାରେ ମହଜୁଦ ରହିଛି, ଯାହା ବାୟୁମଣ୍ଡଳରେ ମଧ୍ୟ ବିସ୍ତାର ଲାଭ କରିଛି । ଗୋଟିଏ ବଟନ୍ ଦବାଇଲେ ତାହା ଆମ ସମ୍ମୁଖକୁ ଆସି ଯାଉଛି । ଆମ କାମ ହେଉଛି ହଜରତ ମସିହ ମଉଦ[ଅସ]ଙ୍କ ନୀତିବାଣୀ ଓ ପୁସ୍ତକ ଅଧ୍ୟୟନ କରି ଅଧିକରୁ ଅଧିକ ଲାଭବାନ ହେବାପାଇଁ ଚେଷ୍ଟା କରିବା । ଏମ୍.ଟି.ଏ.ରେ ମଧ୍ୟ ମୁଁ ଚିନ୍ତା କରିଛି ଅଲ୍ଲାଃତାଲା ଚାହିଁଲେ ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକ ଗୁଡ଼ିକର ପ୍ରବଚନ ପୂର୍ବାପେକ୍ଷା ଅଧିକ ସମୟ ଧରି ଦିଆଯିବ । ଏହିପରି ଭାବରେ ପାକିସ୍ତାନ୍‌ର ଗୋଟିଏ ରାଜ୍ୟର ନିୟମ ଯୋଗୁଁ ପୃଥିବୀରେ ବିସ୍ତାର ଲାଭ କରିଥିବା ଅହମଦୀ ମାନଙ୍କର ଉପକାର ହୋଇଯିବ । ପ୍ରତ୍ୟେକ ରହିତାଦେଶ, ନିଷେଧାଜ୍ଞା ଓ ଶତ୍ରୁତା ଯେତେ ଅଧିକ କରାଯାଉଛି ଆମର ସେତିକି ଲାଭ ହେଉଛି । ନୂଆ ବାଟ ଖୋଲି ଯାଉଛି ଓ ନୂତନ ମାଧ୍ୟମ ଆଡ଼କୁ ଧ୍ୟାନ ଆକର୍ଷିତ ହେଉଅଛି । ପୁଣି ଅଲ୍ଲାଃ ଚାହିଁଲେ ଏହା ମଧ୍ୟ ହେବ ଯେ ତାହା ଦ୍ୱାରା ନା' କେବଳ ମୂଳ ଭାଷାରେ ପୁସ୍ତକଗୁଡ଼ିକ ମୁଦ୍ରିତ ହେବ କିମ୍ବା ଦରସ୍ ହେବ, ବରଂ ଅନେକ ଧର୍ମର ସ୍ଥାନୀୟ ଭାଷାରେ ମଧ୍ୟ ଏହା ଉପଲବ୍ଧ ହୋଇଯିବ ।

**ଅଲ୍ଲାଃତାଲାଙ୍କ ଗୁଣ ଗାନ ଓ ହଜରତ ମହମ୍ମଦ[ସଅ]ଙ୍କ ବଡ଼ିମା ଓ ଶୀର୍ଷସ୍ଥାନର ମହତ୍ତ୍ୱ, ତାଙ୍କ କରୁଣା, ଖତମେ ନବୁଓ୍ୱତ୍‌ର ସ୍ଥାନ, ଭକ୍ତଙ୍କ ପାଇଁ ଅନୁମୋଦନର ଗୁଣ ସମ୍ୱନ୍ଧୀୟ ହଜରତ ମସିହ ମଉଦ[ଅସ]ଙ୍କ ଲିଖିତ ବଡ଼ିମାର ଦୃଷ୍ଟାନ୍ତ ମୂଳକ ପ୍ରଭାବଶାଳୀ ପଙ୍କ୍ତି ଗୁଡ଼ିକର ଆଲୋଚନା ।**

ଶ୍ରୀଯୁକ୍ତ ମହମ୍ମଦ୍ ମୁସା ସାହେବ୍ ଦରୱେସ୍ କାଦିୟାନ୍ ଏବଂ ସୟଦା ଅମତୁର ରଫିକ୍ ସାହେବା ପିତା ହଜରତ ସୟଦ୍ ମିର୍ ମହମ୍ମଦ୍ ଇସ୍‌ମାଇଲ୍ ସାହେବଙ୍କର ମୃତ୍ୟୁ ତଥା ସ୍ୱର୍ଗୀୟମାନଙ୍କ ଗୁଣ ଚର୍ଚ୍ଚା ଓ ନମାଜ ଜନାଜାଃ ଗାଏବ ପାଠ ।

## ଖୁତ୍‌ବା ଜୁମା : ସୟଦନା ଅମିରୁଲ ମୁମେନିନ୍ ହଜରତ ମିର୍ଜା ମସରୁର ଅହମଦ[ଅବ] (ପ୍ରଦତ୍ତ : ୧୫ ମଇ ୨୦୧୫ ଅନୁଯାୟୀ ୧୦ ଶାହାଦତ ୧୩୯୪ ହିଜ୍ରି ଶମସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔

اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଗତ ଜୁମାରେ ମୁଁ କହିଥିଲି ଯେ (ପାକିସ୍ତାନ)ପଞ୍ଜାବ୍ ସରକାର ଜମାଅତ୍ ଅହମଦୀୟା ଦ୍ୱାରା ପ୍ରକାଶିତ କେତେ ଗୁଡ଼ିଏ ଖବର କାଗଜ ଓ ପୁସ୍ତକ ଉପରେ ରହିତାଦେଶ ଜାରି କରିଛନ୍ତି ଯେ ସେଗୁଡ଼ିକର ପ୍ରକାଶନ ହୋଇପାରିବ ନାହିଁ ଅଥବା ପୁନଃ ପ୍ରସାରଣ ଇତ୍ୟାଦି ହୋଇପାରିବ ନାହିଁ । ସେଠାରେ ଏଥି ସମ୍ୱନ୍ଧରେ କେତେକ ଖବର କାଗଜରେ ଖବର ମଧ୍ୟ ପ୍ରସାରଣ କରିଛନ୍ତି । ଆଜି କାଲି ଫୋନ୍ ମାଧ୍ୟମରେ ମଧ୍ୟ ବାର୍ତ୍ତା ଚିତ୍ର ଓ ବିଭିନ୍ନ ପ୍ରକାରର ସନ୍ଦେଶ ପ୍ରେରଣ କରିବାର ମାଧ୍ୟମ ଦ୍ୱାରା କ୍ଷଣକ ମଧ୍ୟରେ ସମଗ୍ର ପୃଥିବୀରେ ଖବର ପ୍ରସାରିତ ହୋଇ ଯାଉଛି । ଏହାକୁ ଶୁଣିବା, ଦେଖିବା ପରେ ଏହି ବିଷୟରେ ମୋତେ ଲୋକମାନେ ଚିଠି ଲେଖୁଛନ୍ତି । ଫ୍ୟାକ୍ସ ଜରିଆରେ ଅସୁବିଧା ଜଣାଉଛନ୍ତି । ଆମକୁ ଏକଥା ମନେ ରଖିବାକୁ ହେବ ଯେ ଏହା କୌଣସି ନୂଆ କଥା ନୁହେଁ । ଜମାଅତ୍ ଅହମଦୀୟା ଇତିହାସରେ ସେହି ଅସାଧୁ ଓଲମା(ଧର୍ମ ବିଦ୍ରୋହୀ)ଙ୍କ କହିବା ଅନୁଯାୟୀ ସେହିପରି କାର୍ଯ୍ୟକଳାପ ପୂର୍ବରୁ ହେଉଥିଲା ଓ ଏବେ ମଧ୍ୟ ହେଉଅଛି । ପ୍ରଥମରୁ ହିଁ ଯେବେଠାରୁ ଜମାଅତ୍ ଅହମଦୀୟା ପ୍ରତିଷ୍ଠା ହେଲା ସେବେ ଠାରୁ ଏପରି କାର୍ଯ୍ୟକଳାପ ଏହି ଲୋକମାନେ କରି ଆସୁଛନ୍ତି ଓ କରି ଚାଲିଥିବେ । ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା ପ୍ରଥମେ କେବେ ନା ଜମାତଅର କ୍ଷତି ହୋଇଛି ନା ଅଲ୍ଲାଃ ଚାହିଁଲେ ଆଗକୁ କେବେ କ୍ଷତି ହେବ । ସେମାନେ ଆମକୁ କୌଣସି କ୍ଷତି ପହଞ୍ଚାଇ ପାରିବେ ନାହିଁ, ନା' ତ କୌଣସି ମାଆ ସେପରି ସନ୍ତାନକୁ ଜନ୍ମ ଦେଇଛି ଯିଏ ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଈଶ୍ୱର ପରିଚାଳିତ ସମ୍ପ୍ରଦାୟକୁ ଅଗ୍ରସର ହେବାରୁ ରୋକିପାରିବ । ସେହି ଭଣ୍ଡ ପଣ୍ଡିତ ଓ ତାଙ୍କ ଆଡ଼କୁ ଦୃଷ୍ଟି ପକାଉଥିବା ସରକାର ଅହମଦିୟତର ଉନ୍ନତି ଦେଖି ଅହଂକାର ପ୍ରଦର୍ଶନ କରିବାର କୌଣସି ବାହାନା ଦରକାର । ଆତ୍ମବଡ଼ିମାରେ ସେମାନେ ଏପରି ଅନ୍ଧ ହୋଇ ପଡିଛନ୍ତି ଯେ ତାଙ୍କ ବୁଦ୍ଧିରେ ପଟି ପଡି ଯାଇଛି । ଶିକ୍ଷିତ ଲୋକ ହୋଇ ମଧ୍ୟ ଅଶିକ୍ଷିତ ପରି ନିଜର ସ୍ଥିତି ପ୍ରକାଶ କରିଥାନ୍ତି । ସେମାନେ କେବେ ଏହା ଜାଣିବା ପାଇଁ ଚେଷ୍ଟା କରିନାହାନ୍ତି ଯେ ଦେଖ, ଇସ୍‌ଲାମ୍‌ର ବାସ୍ତବ ଶିକ୍ଷା ଓ ହଜରତ୍ ମହମ୍ମଦ[ସଅ]ଙ୍କ ପ୍ରତିଷ୍ଠା ଓ ସ୍ତରକୁ ହଜରତ ମସିହ ମଉଦ[ଅସ] କିପରି ବର୍ଣ୍ଣନା କରିଛନ୍ତି ଏବଂ ଜମାଅତ୍ ଅହମଦୀୟାର ଧର୍ମତତ୍ତ୍ୱ ଜ୍ଞାନ ଭିତ୍ତିକ ପୁସ୍ତକରେ ଏ ସମସ୍ତ ବିଷୟ କିପରି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି । ଯେଉଁ ନ୍ୟାୟବନ୍ତ ମୁସଲମାନ୍ ଆରବରେ ଓ ଅନ୍ୟ ଜାତିରେ ମଧ୍ୟ, ଯେତେବେଳେ ଜାଣିବାକୁ ଚାହାନ୍ତି ଯେ ଏହାର ବାସ୍ତବତା କଣ ସେତେବେଳେ ଜମାଅତ୍‌ର ପତ୍ରପତ୍ରିକା ଦେଖନ୍ତି, ପୁସ୍ତକ ଦେଖନ୍ତି । ବାସ୍ତବ କଣ ତାହା ଜାଣି ପାରି ଆଚମ୍ୱିତ ହୋଇଥାନ୍ତି ଯେ ସେହି ଅସାଧୁ ଓଲମା ଯେଉଁମାନେ ନିଜକୁ ଇସ୍‌ଲାମ୍‌ର ପୃଷ୍ଠପୋଷକ ବୋଲି ଭାବନ୍ତି, କିପରି ହଜରତ ମସିହ ମଉଦ[ଅସ]ଙ୍କ ଚିନ୍ତାଧାରା ଓ ଶିକ୍ଷାକୁ ତାଙ୍କ ଦ୍ୱାରା ରଚିତ ଲେଖାକୁ ମିଥ୍ୟା ଓ ଅପଭ୍ରଂଶ କରି ଉପସ୍ଥାପନ କରିଛନ୍ତି ଏବଂ ଏବେ ମଧ୍ୟ କରି ଚାଲିଛନ୍ତି । ଏହା ଦେଖି ସେ ହଜରତ ମହମ୍ମଦ[ସଅ]ଙ୍କ ସ୍ଥାନ ଓ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାର ଗାରିମାକୁ କିପରି ଭାବରେ ବର୍ଣ୍ଣନା କରିଛନ୍ତି । ଆମ ଏମ୍.ଟି.ଏ.ର ଯେଉଁ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେଉଅଛି ସେଥିରେ ମଧ୍ୟ ଓ ଚିଠିପତ୍ର ମାଧ୍ୟମରେ ଅଧିକାଂଶ ଲୋକ ଏହି କଥା ପ୍ରକାଶ କରୁଛନ୍ତି । ଯେଉଁମାନେ ବର୍ତ୍ତମାନ ଅହମଦି ହୋଇନାହାନ୍ତି ସେମାନେ କହୁଛନ୍ତି ଯେ ଆମମାନଙ୍କୁ ବର୍ତ୍ତମାନ ତାଙ୍କର ମହତ୍ତ୍ୱ ଓ ବଡ଼ିମା ବିଷୟରେ ଜଣାପଡୁଛି । କିନ୍ତୁ ସେହି ଅସାଧୁ ଓଲମାମାନେ ଆମମାନଙ୍କୁ ଅନ୍ଧକାର ଭିତରେ ରଖିଥିଲେ । ଲୋକମାନଙ୍କ ଉପରେ ଏକଥା ପ୍ରକାଶ ହୋଇଯାଉଛି ଯେ ଅହମଦିୟତ୍‌ର ଶତ୍ରୁତା ପାଇଁ ଏହି ଲୋକମାନେ ବିବେକ ଶୂନ୍ୟ ହୋଇ ହଜରତ ମହମ୍ମଦ[ସଅ] ତଥା ଇସ୍‌ଲାମ୍ ନାମରେ କାଳିମାର ଦାଗ ସୃଷ୍ଟି କରୁଛନ୍ତି ।

ସେହି ଓଲମାମାନଙ୍କର ଧର୍ମ ତ କେବଳ ଶତ୍ରୁତା ଓ ବିଶୃଙ୍ଖଳା ସୃଷ୍ଟି କରିବା । ତେଣୁ ସେମାନେ କେବେହେଲେ ଚେଷ୍ଟା କରିବେ ନାହିଁ ଯେ ଆମେ ବାସ୍ତବିକତାକୁ ଜାଣିବା । ସେଥିପାଇଁ ସିଧାସଳଖ ମୁସଲମାନମାନଙ୍କ ମଧ୍ୟରେ ଯେତେ ଇଚ୍ଛା

ବିଶୃଙ୍ଖଳା ସୃଷ୍ଟି କରନ୍ତି । ଏହା ତ ସେମାନଙ୍କର କାମ ଯାହା ସେମାନେ କରୁଛନ୍ତି ଓ କରି ଚାଲିଥିବେ । କାରଣ ସେମାନଙ୍କର ଧର୍ମ ଠାରୁ ଅଧିକ ନିଜସ୍ୱ ଲାଭକୁ ଆପଣାଇଥାନ୍ତି । କିନ୍ତୁ ସବୁବେଳ ପରି ସେହି ଶତ୍ରୁମାନଙ୍କର ଏପରି କାର୍ଯ୍ୟଶୈଳୀ ଆମ ବିଶ୍ୱାସକୁ ଅଧିକ ମାର୍ଜିତ କରିବା ପାଇଁ ଓ ହଜରତ ମସିହ ମଉଦ[ଅସ]ଙ୍କ ସହିତ ସଂପର୍କ ବୃଦ୍ଧି କରିବା ପାଇଁ ଉର୍ବରତା ବଢ଼ାଉ ଥିବା ସାର ଭଳି କାମ ଦେବା ଉଚିତ୍ । ଯଦିଓ ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକଗୁଡ଼ିକ ପଢ଼ିବା ପାଇଁ ସାର ଭଳି କାମ ଦେଉଛି । ଯଦିଓ ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକ ପଢ଼ିବା ପାଇଁ ଆଗ୍ରହ କମ୍ ରହିଥାଏ, ତେବେ ବର୍ତ୍ତମାନ ସେଥିପ୍ରତି ଅଧିକ ଧ୍ୟାନ ଆକର୍ଷିତ ହେବା ଉଚିତ୍ ।

ଗୋଟିଏ ରାଜ୍ୟ ପଞ୍ଜାବ ସରକାରଙ୍କ ପ୍ରତିବନ୍ଧକ ଦ୍ୱାରା କ'ଣ ସମଗ୍ର ପୃଥିବୀର ସରକାରଙ୍କ ଦ୍ୱାରା ନିଷେଧାଦେଶ ଲାଗୁ କରାଗଲେ ମଧ୍ୟ ଏହି କାର୍ଯ୍ୟକୁ ରୋକା ଯାଇପାରିବ ନାହିଁ । କାରଣ ଏହା ମନୁଷ୍ୟକୃତ ନୁହେଁ । ବରଂ ଏହା ଈଶ୍ୱରୀୟ କାର୍ଯ୍ୟ । ହଜରତ ମସିହ ମଉଦ[ଅସ]ଙ୍କ ତତ୍ତ୍ୱଜ୍ଞାନ ମୂଳକ ଶିକ୍ଷା, ପୁଣ୍ୟ ଅର୍ଜିତ ଭଣ୍ଡାର ସହିତ ପ୍ରେରଣ କରାଯାଇଥିଲା ଏବଂ ତାଙ୍କୁ ସଫଳତାର ପ୍ରତିଶ୍ରୁତି ଦିଆଯାଇଥିଲା । ସର୍ବଦା ଆମେ ଏହା ଦେଖିଛୁ ଯେ ବଡ଼ ବଡ଼ ପ୍ରତିରୋଧ ଓ ଶତ୍ରୁତା ପରେ ଜମାଅତ୍‌ର ଉନ୍ନତି ଅଧିକ ମାତ୍ରାରେ ପ୍ରକାଶିତ ହୋଇ ଚାଲିଛି । ନିଜ ଚିନ୍ତାଧାରାରେ ଆମମାନଙ୍କ ବିରୋଧରେ ଯେଉଁ ପଦକ୍ଷେପ ନିଆ ଯାଇଛି, ଏହା ତ ଏକ ସାଧାରଣ ରହିତାଦେଶ । ଆମକୁ ଯେତେ ଦବାଇବାକୁ ଚେଷ୍ଟା କରାଯିବ ସେତିକି ଅଲ୍ଲାଃତାଲା ତାଙ୍କ କୃପା ଦ୍ୱାରା ଆମ ପାଇଁ ପ୍ରେରଣା ସୃଷ୍ଟି କରାଇବେ । ଅଲ୍ଲାଃ ଚାହିଲେ ଆମର ଆହୁରି ଭଲ ମଧ୍ୟ ହେବ । ତେଣୁ ଚିନ୍ତା କରିବା ଓ ଅସ୍ଥିର ହେବାର ଆବଶ୍ୟକତା ନାହିଁ । ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକ ବର୍ତ୍ତମାନ ତ ପୃଥିବୀର ଅନ୍ୟ ଦେଶଗୁଡ଼କରେ ମଧ୍ୟ ଛପା ହେଉଛି । ୱେବ୍ ସାଇଟ୍‌ରେ ଓ ଅଡ଼ିଓରେ ମଧ୍ୟ କେତେକ ପୁସ୍ତକ ଉପଲବ୍ଧ ହେଉଛି । ଅବଶିଷ୍ଟ ମଧ୍ୟ ଅଲ୍ଲାଃ ଚାହିଁଲେ ଶୀଘ୍ର ଉପଲବ୍ଧ କରାଯିବା ପାଇଁ ଉଦ୍ୟମ ହେବ । ଯୁଗ ଥିଲା ଯେତେବେଳେ ଏହା ଚିନ୍ତା କରାଯାଉଥିଲା ଯେ ଛପାକାର୍ଯ୍ୟରେ ରହିତାଦେଶ ଦ୍ୱାରା ବହୁତ କ୍ଷତି ହେବ । ବର୍ତ୍ତମାନ ତ ଅଲ୍ଲାଃତାଲାଙ୍କ କୃପାରୁ ଶିକ୍ଷା ଓ ଜ୍ଞାନ ଏପରି ପରିମାଣରେ ମହଜୁଦ ରହିଛି, ଯାହା ବାୟୁମଣ୍ଡଳରେ ମଧ୍ୟ ବିସ୍ତାର ଲାଭ କରିଛି । ଗୋଟିଏ ବଟନ୍ ଦବାଇଲେ ତାହା ଆମ ସମ୍ମୁଖକୁ ଆସି ଯାଉଛି । ଆମ କାମ ହେଉଛି ହଜରତ ମସିହ ମଉଦ[ଅସ]ଙ୍କ ନୀତିବାଣୀ ଓ ପୁସ୍ତକ ଅଧ୍ୟୟନ କରି ଅଧିକରୁ ଅଧିକ ଲାଭବାନ ହେବାପାଇଁ ଚେଷ୍ଟା କରନ୍ତୁ । ମୁଁ ଚିନ୍ତା କରିଛି ଅଲ୍ଲାଃତାଲା ଚାହିଁଲେ ହଜରତ ମସିହ ମଉଦ[ଅସ]ଙ୍କ ପୁସ୍ତକ ଗୁଡ଼ିକର ପ୍ରବଚନ ଏମ୍.ଟି.ଏ.ରେ ମଧ୍ୟ ପୂର୍ବାପେକ୍ଷା ଅଧିକ ସମୟ ଦିଆଯିବ । ଏହିପରି ଭାବରେ ପାକିସ୍ତାନ୍‌ର ଗୋଟିଏ ରାଜ୍ୟର ନିୟମ ଯୋଗୁଁ ପୃଥିବୀରେ ବିସ୍ତାର ଲାଭ କରିଥିବା ଅହମଦୀମାନଙ୍କର ଉପକାର ହୋଇଯିବ । ପ୍ରତ୍ୟେକ ରହିତାଦେଶ, ନିଷେଧାଜ୍ଞା ଓ ଶତ୍ରୁତା ଏପରି ଅଧିକା କରାଯାଉଛି ଯାହାଦ୍ୱାରା ଆମକୁ ଲାଭ ହେଉଛି । ନୂଆ ବାଟ ଖୋଲି ଯାଉଛି ଓ ନୂତନ ମାଧ୍ୟମ ଆଡ଼କୁ ଧ୍ୟାନ ଆକର୍ଷିତ ହେଉଅଛି । ପୁଣି ଅଲ୍ଲାଃ ଚାହିଁଲେ ଏହା ମଧ୍ୟ ହେବ ଯେ ତାହା ଦ୍ୱାରା କେବଳ ମୂଳ ଭାଷାରେ ପୁସ୍ତକଗୁଡ଼ିକ ମୁଦ୍ରିତ ହେବ କିମ୍ବା ଦରସ୍ ହେବ, ବରଂ ବହୁତ୍ ଅନେକ ଧର୍ମର ସ୍ଥାନୀୟ ଭାଷାରେ ମଧ୍ୟ ଏହା ଉପଲବ୍ଧ ହୋଇଯିବ । ଯାହା ହୃଦୟରେ ଯେକୌଣସି ବ୍ୟଥା ରହିଛି, ଲୋକମାନେ ମୋତେ ଲେଖୁଛନ୍ତି । ତେଣୁ ମତେ କହିବାକୁ ପଡୁଛି ଯେ ସେମାନେ ତାଙ୍କ ମନରୁ ଏକଥା ବାହାର କରି ଦିଅନ୍ତୁ ।

ଆମ ପତ୍ର ପତ୍ରିକା ବିରୋଧରେ ଯେଉଁ ସବୁ କାର୍ଯ୍ୟକଳାପ କରାଯାଉଛି ସେଥିରୁ ଗୋଟିଏ କଥା ବାରି ହୋଇପଡୁଛି ଏବଂ ଏହା ସ୍ପଷ୍ଟ ହୋଇ ବାହାରକୁ ବାହାରି ଯାଉଛି । ପୂର୍ବରୁ ମଧ୍ୟ ସର୍ବଦା କହି ଆସିଛି ଯେ ଯେଉଁ ଲୋକମାନେ ଦାବି କରୁଛନ୍ତି କି ଆମେ ରସୁଲୁଲ୍ଲା[ସଅ]ଙ୍କ ପ୍ରେମରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିଚାଲିଛୁ ଓ ଇସ୍‌ଲାମୀୟ ଶିକ୍ଷାର ଆମେ ବହୁତ୍ ବଡ଼ ଠିକାଦାର । ଏଥିପାଇଁ ସେମାନେ ଆମର ଶତ୍ରୁତା କରୁଛନ୍ତି । ସେମାନେ କେବେହେଲେ ନ୍ୟାୟ ଦୃଷ୍ଟିରେ ଜମାଅତର ଲିଟ୍‌ରେଚର ପଢ଼ିଛନ୍ତି ନା' ସେ ପଢ଼ିବା ପାଇଁ ଚେଷ୍ଟା କରୁଛନ୍ତି । ସାଧାରଣତଃ ଆମ ତରଫରୁ ତାଙ୍କ ଦାବିର ବାସ୍ତବତା ଓ ତାଙ୍କର ପ୍ରକୃତ ଛବି ତାଙ୍କୁ ଦେଖା ଯାଉଛି । କିନ୍ତୁ ମୁଁ ଚିନ୍ତା କରିଛି ଯେ ଆଜି ମଧ୍ୟ ମୁଁ ହଜରତ ମସିହ ମଉଦ[ଅସ]ଙ୍କ ଲିଖିତ ଦୃଷ୍ଟାନ୍ତରୁ ଯେଉଁଥିରେ ଆମର ଶତ୍ରୁମାନଙ୍କ ଧାରଣାରେ (ନଉଜୋ ବିଲ୍ଲାହ) ଇସ୍‌ଲାମ୍ ଓ ମହମ୍ମଦ[ସଅ]ଙ୍କ ମର୍ଯ୍ୟାଦାଜନକ ସ୍ଥାନ ବିରୁଦ୍ଧରେ କୁହା ଯାଉଛି । ତାଙ୍କ ବଡ଼ିମା ବିରୁଦ୍ଧରେ କୁହା ଯାଉଛି । ଶିକ୍ଷା ବିଷୟରେ କୁହା ଯାଉଅଛି କିମ୍ବା ତାଙ୍କ ଭିତରେ ଘୃଣା ଓ ବିଶୃଙ୍ଖଳାର ଭାବ ଭର୍ତ୍ତି ହୋଇ ରହିଛି । ଏ ସମସ୍ତ ବିଷୟ କହିଲେ ବହୁତ ଲମ୍ବା ହୋଇଯିବ । ଏଥିରୁ ମାତ୍ର କିଛି ଅଂଶ ଉପସ୍ଥାପନ କରିବି ଯାହାକି ହଜରତ ମସିହ ମଉଦ[ଅସ] ମହମ୍ମଦ[ସଅ]ଙ୍କ ଚମତ୍କାରିତା ଓ ଅଲୌକିକ ପ୍ରତିଭାର ସ୍ଥାନ ଆମମାନଙ୍କୁ ଦେଖାଇଛନ୍ତି । ଆଶ୍ଚର୍ଯ୍ୟ ଲାଗୁଛି ଯେ ହଜରତ ମହମ୍ମଦ[ସଅ]ଙ୍କ ସହିତ ପ୍ରେମ କରିବାର ଦାବି କରୁଥିବା କୌଣସି ବ୍ୟକ୍ତି ତାକୁ ଶୁଣିଲେ କିମ୍ବା ପଢିଲେ ନିଜ ଆଖି କାନକୁ ବନ୍ଦ କରି ପାରିବ କି ? ସେହି ଅସାଧୁ ଓଲମାଙ୍କ ସହିତ ଆମର କୌଣସି ମତଲବ ନାହିଁ, କିନ୍ତୁ ଏପରି ହଜାର ହଜାର ଲୋକ ଯେଉଁମାନେ ଆମ କଥାକୁ ଏମ୍.ଟି.ଏ ମାଧ୍ୟମରେ ଶୁଣୁଛନ୍ତି ତାଙ୍କ ହୃଦୟକୁ ଅଧିକ ଖୋଲିବା ପାଇଁ ଏବଂ ଅହମଦିମାନଙ୍କ ହୃଦୟ ଓ ବୁଦ୍ଧି ଜ୍ଞାନରେ ଅଧିକ ସତେଜତା ସୃଷ୍ଟି କରିବା ପାଇଁ ତଥା ପ୍ରକୃତ ଅର୍ଥରେ ହୃଦୟଙ୍ଗମ କରିବା ପାଇଁ ମୁଁ କିଛି ଦୃଷ୍ଟାନ୍ତ ଉପସ୍ଥାପନ କରିବି ।

ପ୍ରଥମ ବିଷୟ ହେଉଛି ଅଲ୍ଲାଃଙ୍କ ଶ୍ରେଷ୍ଠତା ଓ ହଜରତ ମହମ୍ମଦ[ସଅ]ଙ୍କ ପାଇଁ ଦରୁଦ୍ ପ୍ରେରଣ କରିବାର ସୁନ୍ଦର ଭାବନା, ଯାହା ହଜରତ ମସିହ ମଉଦ[ଅସ] ବର୍ଣ୍ଣନା କରିଛନ୍ତି । ଗୋଟିଏ ସ୍ଥାନରେ ସେ କହିଛନ୍ତି;

'ହେ ଅଲ୍ଲାଃ ! ତୁମକୁ ହଜାର ହଜାର ଧନ୍ୟବାଦ ଦେଉଛି ଯେ ତୁମ୍ଭେ ଆମମାନଙ୍କୁ ସ୍ୱୟଂକୁ ଚିହ୍ନିବାର ମାର୍ଗ ବତାଇ ଦେଇଛ ଓ ପବିତ୍ର ପୁସ୍ତକ ଅବତୀର୍ଣ୍ଣ କରି ଚିନ୍ତା ଓ ଚେତନାରେ ରହିଯାଇଥିବା ଭୁଲ୍ ଓ ଅବହେଳା ଦର୍ଶାଇଛ । ପୁଣି ଦରୁଦ୍ ଓ ସଲାମ୍ ହଜରତ୍ ସୟଦୁର୍ ରସୁଲ ମହମ୍ମଦ୍ ମୁସ୍ତଫା[ସଅ] ଏବଂ ତାଙ୍କ ପରିବାରବର୍ଗ ଓ ଅନୁଚରମାନଙ୍କ ପାଇଁ ଯାହାଙ୍କୁ ପ୍ରଭୁ ଭବ ସଂସାରରେ ବାଟବଣା ହୋଇ ବୁଡି ଯାଇଥିବା ବ୍ୟକ୍ତିକୁ ଉଦ୍ଧାର ହେବାର ମାର୍ଗ ଜଣାଇଲେ । ସେହି ମୁରବି ଓ ସେହି ଉପକାରୀ ଯିଏ ଭୁଲି ଯାଇଥିବା ପ୍ରାଣୀକୁ ପୁଣି ମନେ ପକାଇ ଉଚିତ୍ ମାର୍ଗରେ ପରିଚାଳିତ କଲେ । ସେହି ଦୟାଳୁ ଯେ କି ଲୋକମାନଙ୍କୁ ଶିର୍କ ଓ ଅନେକେଶ୍ୱରବାଦର ଝଡ଼ଝଞ୍ଜାରୁ ମୁକ୍ତ କଲେ । ସେହି ଦିବ୍ୟ ଜ୍ୟୋତି ଓ ପ୍ରଜ୍ୱଳିତ ଧର୍ମଶିଖା ଯାହା ଏକେଶ୍ୱର ବାଦର ଆଲୋକକୁ ପୃଥିବୀରେ ବିସ୍ତାରିତ କଲେ । ସେହି ଡ଼ାକ୍ତର ଯେ କି ପଥଭ୍ରଷ୍ଟତା ରୋଗରେ ଆକ୍ରାନ୍ତ ହୋଇଥିବା ହୃଦୟକୁ ଆରୋଗ୍ୟ ମୂଳକ ପୁଣ୍ୟରେ ଅବସ୍ଥାପନ କଲେ । ସେହି ଚତୁର କଳା କୁଶଳି ଯେ କି ମୃତକମାନଙ୍କୁ ଜୀବଦାନର ଜଳ ସେବନ କଲେ । ସେହି ପରମ ଦୟାଳୁ ଯେ କି ନିଜ ଜାତିପାଇଁ ଦୁଃଖର ପୀଡା ବହନ କଲେ । ସେହି ବାହାଦୁର ପହିଲ୍‌ମାନ୍ ଯିଏକି ଆମମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କଲେ । ସେ ହିଁ ନରମ ସ୍ୱଭାବ ଓ ପୁଣ୍ୟ ଇନ୍ଦ୍ରୀୟଯୁକ୍ତ ମନୁଷ୍ୟ ଯେ କି ଭକ୍ତି ଭାବରେ ନତମସ୍ତକ ହେଲେ ଓ ନିଜକୁ ମାଟିରେ ମିଶାଇଲେ । ସେହି ସଂପୂର୍ଣ୍ଣ ଏକେଶ୍ୱରବାଦର ଭକ୍ତର ପରିଚୟ ଦେଇ କେବଳ ପ୍ରଭୁଙ୍କ ବଡ଼ିମାରେ ଶୋଭା ପାଇଲେ ଓ ଅନ୍ୟମାନଙ୍କୁ ନିଜ ପ୍ରତିଭା ବଳରେ ତଳକୁ ପକାଇଲେ । ସେହି ଆଶ୍ଚର୍ଯ୍ୟଜନକ ସୃଷ୍ଟିକର୍ତ୍ତା ଦୟାଳୁ ବିଧାତାଙ୍କ ପରମଦିବ୍ୟ ପୁରୁଷ ଯିଏ କି ନିରକ୍ଷର ହୋଇ ମଧ୍ୟ ସମସ୍ତଙ୍କ ଉପରେ ଶିକ୍ଷା ଓ ପରିପୂର୍ଣ୍ଣ ଆଦର୍ଶରେ ବିଜୟ ଲାଭ କଲେ ଏବଂ ପ୍ରତ୍ୟେକ ଜାତିକୁ ଭୁଲ ବୁଝାମଣାରୁ ଓ ଭ୍ରାନ୍ତ ଧାରଣାରୁ ଦୋଷୀ ବୋଲି ପ୍ରମାଣିତ କଲେ ।

ହଜରତ୍ ସୟଦୁର୍ ରସୁଲ ମହମ୍ମଦ୍ ମୁସ୍ତଫା[ସଅ] ଏବଂ ତାଙ୍କ ପରିବାରବର୍ଗ ଓ ଅନୁଚରମାନଙ୍କ ପାଇଁ ଯାହାଙ୍କୁ ପ୍ରଭୁ ଭବ ସଂସାରରେ ବାଟବଣା ହୋଇ ବୁଡି ଯାଇଥିବା ବ୍ୟକ୍ତିକୁ ଉଦ୍ଧାର ହେବାର ମାର୍ଗ ଜଣାଇଲେ । ସେହି ମୁରବି ଓ ସେହି ଉପକାରୀ ଯିଏ ଭୁଲି ଯାଇଥିବା ପ୍ରାଣୀକୁ ପୁଣି ମନେ ପକାଇ ଉଚିତ୍ ମାର୍ଗରେ ପରିଚାଳିତ କଲେ । ସେହି ଦୟାଳୁ ଯେ କି ଲୋକମାନଙ୍କୁ ଶିର୍କ ଓ ଅନେକେଶ୍ୱରବାଦର ଝଡ଼ଝଞ୍ଜାରୁ ମୁକ୍ତ କଲେ । ସେହି ଦିବ୍ୟ ଜ୍ୟୋତି ଓ ପ୍ରଜ୍ୱଳିତ ଧର୍ମଶିଖା ଯାହା ଏକେଶ୍ୱର ବାଦର ଆଲୋକକୁ ପୃଥିବୀରେ ବିସ୍ତାରିତ କଲେ । ସେହି ଡ଼ାକ୍ତର ଯେ କି ପଥଭ୍ରଷ୍ଟତା ରୋଗରେ ଆକ୍ରାନ୍ତ ହୋଇଥିବା ହୃଦୟକୁ ଆରୋଗ୍ୟ ମୂଳକ ପୁଣ୍ୟରେ ଅବସ୍ଥାପନ କଲେ । ସେହି ଚତୁର କଳା କୁଶଳି ଯେ କି ମୃତକମାନଙ୍କୁ ଜୀବଦାନର ଜଳ ସେବନ କଲେ । ସେହି ପରମ ଦୟାଳୁ ଯେ କି ନିଜ ଜାତି ପାଇଁ ଦୁଃଖର ପୀଡା ବହନ କଲେ । ସେହି ବାହାଦୁର ପହିଲ୍‌ମାନ୍ ଯିଏକି ଆମମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କଲେ । ସେ ହିଁ ନରମ ସ୍ୱଭାବ ଓ ପୁଣ୍ୟ ଇନ୍ଦ୍ରୀୟଯୁକ୍ତ ମନୁଷ୍ୟ ଯେ କି ଭକ୍ତି ଭାବରେ ନତମସ୍ତକ ହେଲେ ଓ ନିଜକୁ ମାଟିରେ ମିଶାଇଲେ । ସେହି ସଂପୂର୍ଣ୍ଣ ଏକେଶ୍ୱରବାଦର ଭକ୍ତର ପରିଚୟ ଦେଇ କେବଳ ପ୍ରଭୁଙ୍କ ବଡ଼ିମାରେ ଶୋଭା ପାଇଲେ ଓ ଅନ୍ୟମାନଙ୍କୁ ନିଜ ପ୍ରତିଭା ବଳରେ ତଳକୁ ପକାଇଲେ । ସେହି ଆଶ୍ଚର୍ଯ୍ୟଜନକ ସୃଷ୍ଟିକର୍ତ୍ତା ଦୟାଳୁ ବିଧାତାଙ୍କ ପରମଦିବ୍ୟ ପୁରୁଷ ଯିଏ କି ନିରକ୍ଷର ହୋଇ ମଧ୍ୟ ସମସ୍ତଙ୍କ ଉପରେ ଶିକ୍ଷା ଓ ପରିପୂର୍ଣ୍ଣ ଆଦର୍ଶରେ ବିଜୟ ଲାଭ କଲେ ଏବଂ ପ୍ରତ୍ୟେକ ଜାତିକୁ ଭୁଲ ବୁଝାମଣାରୁ ଓ ଭ୍ରାନ୍ତ ଧାରଣାରୁ ଦୋଷୀ ବୋଲି ପ୍ରମାଣିତ କଲେ ।

**(ବରାହିନେ ଅହମଦିୟା, ପ୍ରଥମ ଭାଗ, ରୁହାନୀ ଖଜାଇନ୍, ଖଣ୍ଡ୧, ପୃଷ୍ଠା୧୭)**

ପୁଣି କୌଣସି ବ୍ୟକ୍ତିର ସଦାଚାରୀତା କିମ୍ବା ତାର କଷ୍ଟରେ ପୀଡ଼ିତ ହେବା ଯୋଗୁଁ ଜଣାପଡ଼େ ଅଥବା ପରୀକ୍ଷାରେ ସମ୍ମୁଖୀନ ହୋଇ ସଂଘର୍ଷ ଦ୍ୱାରା ଏବଂ ବଳ ପରାକ୍ରମ ଯେତେବେଳେ ତାକୁ ହାସଲ ହୁଏ, ତେବେ ଯାଇ ତାକୁ ଜଣାପଡ଼େ ଏବଂ ସବୁଠାରୁ ବଳି ଅଲ୍ଲାଃତାଲାଙ୍କ ପ୍ରେରିତ ଅବତାର ଓ ତାଙ୍କର ଅତି ନିକଟତରଙ୍କ ମାଧ୍ୟମରେ ପ୍ରକାଶିତ ହୋଇଥାଏ । ତାହାଠାରୁ ବଳି ଶୀର୍ଷ ସ୍ଥାନ ରହି ତାର ପ୍ରକାଶ ଆମକୁ ହଜରତ ମହମ୍ମଦ[ସଅ]ଙ୍କ ଅନ୍ତରରେ ଦେଖା ଯାଇଥାଏ । ତେବେ ତାଙ୍କ ଉତ୍ତମ ଚରିତ୍ର, କଷ୍ଟକର ସମୟ ଓ ବିଜୟର ରହସ୍ୟ କ'ଣ ଥିଲା ? ସେ ବିଷୟରେ ହଜରତ ମସିହ ମଉଦ[ଅସ] କହୁଛନ୍ତି:-

'ଅବତାର ଓ ସାଧୁସନ୍ଥଙ୍କ ଜୀବନାଦର୍ଶ ଏଥିପାଇଁ ପ୍ରଦର୍ଶିତ କରାଯାଏ ଯେ ଲୋକମାନେ ସଂପୂର୍ଣ୍ଣ ଚରିତ୍ର ସହ ସେମାନଙ୍କର ଆଜ୍ଞାବହ ହୁଅନ୍ତୁ ଓ ଯେଉଁ ବିଷୟରେ ପ୍ରଭୁ ସେମାନଙ୍କୁ ଧୈର୍ଯ୍ୟଶକ୍ତି ଦେଇଛନ୍ତି, ସେ ସମସ୍ତ ଧୈର୍ଯ୍ୟ ଉପରେ ସମସ୍ତେ ଯଥୋଚିତ ନ୍ୟାୟ ଉପରେ କାର୍ଯ୍ୟ କରନ୍ତୁ । (ଅର୍ଥାତ୍ ସେଥିରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ) । ଏକଥା ସଂପୂର୍ଣ୍ଣ ରୂପେ ପ୍ରକାଶ ହେଉଛି ଯେ ସଦାଚାରୀତା କୌଣସି ମନୁଷ୍ୟ ଭିତରେ ଉପଯୁକ୍ତ ସମୟରେ ମୂଲ୍ୟହୀନ ହୋଇ ପ୍ରମାଣ ପହଞ୍ଚିଥାଏ । (ପ୍ରତ୍ୟେକ ଚରିତ୍ରର ଏକ ସମୟ ରହିଥାଏ) ଯାହା ଯଥା ସମୟରେ ପ୍ରକାଶିତ ହୁଏ ସେତେବେଳେ ଜଣାପଡ଼େ ଯେ ତାହା ସତ୍ୟ ସାବ୍ୟସ୍ତ ହେଉଛି । ପୁଣି ସେତେବେଳେ ହୃଦୟ ଭିତରେ ତାର ବିଶେଷ ପ୍ରଭାବ ମଧ୍ୟ ପଡିଥାଏ । ଉଦାହରଣ ସ୍ୱରୂପ କ୍ଷମା ଏପରି ଏକ ପ୍ରଶଂସନୀୟ ଓ ଉତ୍ତମ ଗୁଣ, ଯାହା ସ୍ୱଭାବତଃ ବଦଳା ନେବା ସମୟରେ ଦେଖାଯାଏ, ଯେତେବେଳେ କାହା ମଧ୍ୟରେ ପ୍ରତିଶୋଧ ନେବାର ଶକ୍ତି ଥିବ । ସେହି ସମୟରେ କ୍ଷମା କରି ଦେବା ଏହା ହିଁ ପ୍ରଶଂସା ଭାଜନ ହେଲା । ସ୍ୱଚ୍ଛତା ବିଶ୍ୱାସର ଅନ୍ୟତମ ଗୁଣ, ଯାହା ଇନ୍ଦ୍ରିୟାସକ୍ତ ଅବସ୍ଥାରେ ବିଦ୍ୟମାନ ଥାଇ ପୁଣି ସ୍ୱଚ୍ଛତା ବଜାୟ ରହିଥାଏ । ପ୍ରକାଶ ଥାଉକି ପ୍ରଭୁଙ୍କ ଇଚ୍ଛା ସେହି ଅବତାର ଓ ସାଧୁ ସନ୍ଥଙ୍କ ତୁଳନାରେ ଏହା ହୋଇଥାଏ ଯେ ତାଙ୍କର ପ୍ରତ୍ୟେକ ଚରିତ୍ର ପ୍ରକାଶିତ ହେଉ । ସମସ୍ତ ପ୍ରମାଣ ପହଞ୍ଚିଲେ ପ୍ରଭୁ ସେହି ଇଚ୍ଛାକୁ ପୁର୍ଣ୍ଣ କରିବା ପାଇଁ ତାଙ୍କର ଜ୍ୟୋତିର୍ମୟ ବୟସକୁ ଦୁଇ ଭାଗରେ ବିଭକ୍ତ କରି ଥାନ୍ତି । (ଦୁଇ ଭାଗ ହୋଇଥାଏ) ଗୋଟିଏ ଭାଗ ସଙ୍କୁଚିତ ଓ ନାନା ଦୁର୍ଦ୍ଦଶା ଭିତରେ ଗତି କରିଥାଏ । ଆଉ ସେମାନଙ୍କ ଯାବତୀୟ ଦୁଃଖକଷ୍ଟ ଦିଆ ଯାଇଥାଏ । ହଇରାଣ ହରକତ କରାଯାଏ ଯେ ତାଙ୍କର ସେହି ଉତ୍ତମ ଚରିତ୍ର ପ୍ରକାଶିତ ହୋଇଯାଉ, ଯାହା ବହୁତ୍ ଦୁର୍ଦ୍ଦଶା ବିନା ପ୍ରକାଶିତ କିମ୍ବା ପ୍ରମାଣିତ ହୋଇ ପାରିବ ନାହିଁ । ଯଦିଓ ତାଙ୍କ ପରେ ସେହି କରୁଣା ଦୁର୍ଦ୍ଦଶା ରୂପରେ ଅବତୀର୍ଣ୍ଣ ହୋଇ ନଥାନ୍ତା ତେବେ ଏହା ଏପରି ପ୍ରମାଣିତ ହୋଇଥାନ୍ତା ଯେ ସେ ଏକ ଏପରି ଜାତି ଯିଏ ଦୁର୍ଦ୍ଦଶା ପଡ଼ିଲେ ନିଜ ଆରାଧ୍ୟଙ୍କ ସହିତ ବିଶ୍ୱାସଘାତକତା କରି ନଥାନ୍ତି ବରଂ ଆହୁରି ଆଗକୁ ପାଦବଢ଼ାଇ ଚାଲନ୍ତି । ସମସ୍ତ କାର୍ଯ୍ୟର ନିର୍ବାହକ ପ୍ରଭୁ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥାନ୍ତି ଯେ ସେ ସର୍ବସ୍ୱ ତ୍ୟାଗ କରି ସେମାନଙ୍କ ପ୍ରତି ଧ୍ୟାନ ଦେଇଥାନ୍ତି ଏବଂ ସେମାନଙ୍କୁ ତାହାର ଯୋଗ୍ୟ ବିବେଚନା କରିଛନ୍ତି ଯେ ତାଙ୍କ ପାଇଁ ଆଉ ତାଙ୍କ ରାସ୍ତାରେ ହଇରାଣ କରାଯିବେ । ପ୍ରଭୁ ତାଙ୍କ ଉପରେ ବିପତ୍ତ ଅବତୀର୍ଣ୍ଣ କରନ୍ତି ଏଇଥିପାଇଁ ଯେ ତାଙ୍କ ଧୈର୍ଯ୍ୟଶକ୍ତି, ତାଙ୍କ ସତ୍ୟବାଦୀତାର ପାଦ ସୁଦୃଢ କରି ତାଙ୍କ ବାହାଦୁରି, ଧୈର୍ଯ୍ୟଶୀଳତା, ବିଶ୍ୱସନୀୟତା, ସ୍ନେହସ୍ୱଭାବ ଉପରେ ପ୍ରକାଶିତ କରି **'ଅଲ୍ ଇସ୍‌ତେକାମତ୍ ଫଉକାଲ୍ କରାମାତ୍'**ର ସତ୍ୟବାଦୀ ବୋଲି ପ୍ରମାଣିତ କରିଦିଅନ୍ତି । କାରଣ ସଂପୂର୍ଣ୍ଣ ଧୈର୍ଯ୍ୟ, ସଂପୂର୍ଣ୍ଣ ବିପତ୍ତି ଆସିବା ବ୍ୟତୀତ

ତାହା ପ୍ରକାଶିତ ହୋଇପାରିବ ନାହିଁ ଏବଂ ଧୈର୍ଯ୍ୟ ଓ ଦମ୍ଭ ଉପରେ ଅଟଳ ରହି ଦୃଢ ପଦକ୍ଷେପ ନେଲେ ମଧ୍ୟ ଭୁମିକମ୍ପ ବିନା ତାହା ଜଣା ପଡିବ ନାହିଁ । ଏହି ଦୁର୍ଦ୍ଦଶା ପ୍ରକୃତରେ ଅବତାର ଓ ସାଧୁସନ୍ଥମାନଙ୍କ ପାଇଁ ଆଧ୍ୟାତ୍ମିକ ପୁରସ୍କାର ସଦୃଶ ଯାହା ଦ୍ୱାରା ସଂସାରରେ ସେହିମାନଙ୍କ ଉତ୍ତମ ଚରିତ୍ର ଦୃଷ୍ଟାନ୍ତଶୂନ୍ୟ ଓ ଯଥାରୀତି ଭାବେ ଯାହା ପାଖରେ ରହିଛି ତାହା ପ୍ରକାଶ ପାଇବ । ପରକାଳରେ ସେମାନଙ୍କ ସ୍ଥାନର ସ୍ତର ଉନ୍ନତି ହୋଇଥାଏ । ଯଦି ପ୍ରଭୁ ତାଙ୍କ ଉପରେ ଏହି ଦୁର୍ଦ୍ଦଶା ଅବତୀର୍ଣ୍ଣ କରି ନଥାନ୍ତେ ତେବେ ଏହି ପୁରସ୍କାର ମଧ୍ୟ ସେମାନଙ୍କୁ ଦିଆ ଯାଇ ନଥାନ୍ତା ଏବଂ ଲୋକମାନଙ୍କ ଉପରେ ଦୈବୀଭେଦ ଯେତେ ସମ୍ଭବ ଖୋଲିଥାନ୍ତା । ବରଂ ଅନ୍ୟ ଲୋକମାନଙ୍କ ପରି ହୋଇଥାନ୍ତେ । ନିଜ ଜୀବନର କ୍ଷଣିକ ବୟସକୁ କିପରି ଆରାମ ଓ ସୁଖରେ କଟାଇଥାନ୍ତେ । କିନ୍ତୁ ପରିଶେଷରେ ଦିନେ ସେହି ସଂସାରରୁ ଲୋପ ପାଇ ଯାଆନ୍ତେ ଏବଂ ଏହି ପରିପ୍ରେକ୍ଷୀରେ ନା' ତ ତାଙ୍କର ଆରାମ ଓ ସୁଖ ବୋଲି କିଛି ବାକି ରହିଥାନ୍ତା, ନା'ତ ପରକାଳରେ ଶୀର୍ଷ ସ୍ଥାନ ହାସଲ କରି ପାରନ୍ତେ । ନା'ତ ସଂସାରରେ ସେମାନଙ୍କର ସେହି ବାହାଦୁରି ଓ ବିଶ୍ୱସ୍ଥ ହେବାର ଚତୁରତା ଆକାଶରେ ନାମକୁ ଉର୍ଦ୍ଧ୍ୱଗାମୀ କରନ୍ତେ, ଯାହାଦ୍ୱାରା ସେ ଏପରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତେ ଯାହାର କେହି ସମକକ୍ଷ ନାହାନ୍ତି । ଏପରି ସ୍ୱତନ୍ତ୍ର ନାମ (ୟଗାନା) ମଧ୍ୟରେ ପରିଗଣିତ ହେଲେ ଯାହାର କୌଣସି ସମକକ୍ଷ ନାହିଁ । ଏପରି ପ୍ରତ୍ୟେକ ସାଦୃଶ୍ୟ ହୋଇଗଲେ ଏବଂ ଏପରି ଗୁପ୍ତରହସ୍ୟର ଗନ୍ତାଘର ଥିଲେ ଯାହା ପର୍ଯ୍ୟନ୍ତ କୌଣସି ବିଚାରଧାରା ସମକକ୍ଷ ହୋଇ ପାରନ୍ତା ନାହିଁ । ଏପରି ସଂପୂର୍ଣ୍ଣ ବାହାଦୁର୍ ମଧ୍ୟରେ ପରିଗଣିତ ହୋଇଗଲେ ଯେପରିକି ସହସ୍ର ସଂଖ୍ୟକ ବାଘ ଗୋଟିଏ ପିଞ୍ଜରା ମଧ୍ୟରେ ରହିଛନ୍ତି ଓ ହଜାର ସଂଖ୍ୟାରେ ଚିତା ବାଘର ବଳ ସମସ୍ତଙ୍କ ଆଖିରେ ଅତ୍ୟଧିକ ହେବ ଓ ଯିଏ ସମସ୍ତ କାର୍ଯ୍ୟରେ ଅତି ଶିଖରରରେ ପହଞ୍ଚିଗଲେ । (ଏ ସମସ୍ତ ବିଷୟ ବାସ୍ତବରେ ହୋଇଥାଏ । ପୁଣି ଅଲ୍ଲାଃତାଲାଙ୍କ ସାନିଧ୍ୟର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ) ଅନ୍ୟ ଲୋକମାନଙ୍କ ପରି ହୋଇଥାନ୍ତେ । ନିଜ ଜୀବନର କ୍ଷଣିକ ବୟସକୁ କିପରି ଆରାମ ଓ ସୁଖରେ କଟାଇଥାନ୍ତେ । କିନ୍ତୁ ପରିଶେଷରେ ଦିନେ ସେହି ସଂସାରରୁ ଲୋପ ପାଇ ଯାଆନ୍ତେ ଏବଂ ଏହି ପରିପ୍ରେକ୍ଷୀରେ ନା' ତ ତାଙ୍କର ଆରାମ ଓ ସୁଖ ବୋଲି କିଛି ବାକି ରହିଥାନ୍ତା, ନା'ତ ପରକାଳରେ ଶୀର୍ଷ ସ୍ଥାନ ହାସଲ କରି ପାରନ୍ତେ । ନା'ତ ସଂସାରରେ ସେମାନଙ୍କର ସେହି ବାହାଦୁରି ଓ ବିଶ୍ୱସ୍ତ ହେବାର ଚତୁରତା ଆକାଶରେ ନାମକୁ ଉର୍ଦ୍ଧ୍ୱଗାମୀ କରନ୍ତେ, ଯାହାଦ୍ୱାରା ସେ ଏପରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତେ ଯାହାର କେହି ସମକକ୍ଷ ନାହାନ୍ତି । ଏପରି ସ୍ୱତନ୍ତ୍ର ନାମ (ୟଗାନା) ମଧ୍ୟରେ ପରିଗଣିତ ହେଲେ ଯାହାର କୌଣସି ସମକକ୍ଷ ନାହିଁ । ଏପରି ପ୍ରତ୍ୟେକ ସାଦୃଶ୍ୟ ହୋଇଗଲେ ଏବଂ ଏପରି ଗୁପ୍ତରହସ୍ୟର ଗନ୍ତାଘର ଥିଲେ ଯାହା ପର୍ଯ୍ୟନ୍ତ କୌଣସି ବିଚାରଧାରା ସମକକ୍ଷ ହୋଇ ପାରନ୍ତା ନାହିଁ । ଏପରି ସଂପୂର୍ଣ୍ଣ ବାହାଦୁର୍ ମଧ୍ୟରେ ପରିଗଣିତ ହୋଇଗଲେ ଯେପରିକି ସହସ୍ର ସଂଖ୍ୟକ ବାଘ ଗୋଟିଏ ପିଞ୍ଜରା ମଧ୍ୟରେ ରହିଛନ୍ତି ଓ ହଜାର ସଂଖ୍ୟାରେ ଚିତା ବାଘର ବଳ ସମସ୍ତଙ୍କ ଆଖିରେ ଅତ୍ୟଧିକ ହେବ ଓ ଯିଏ ସମସ୍ତ କାର୍ଯ୍ୟରେ ଅତି ଶିଖରରରେ ପହଞ୍ଚିଗଲେ । (ଏ ସମସ୍ତ ବିଷୟ ବାସ୍ତବରେ ହୋଇଥାଏ । ପୁଣି ଅଲ୍ଲାଃତାଲାଙ୍କ ସାନିଧ୍ୟର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ)

ଦ୍ୱିତୀୟ ଭାଗ ହେଉଛି ଅବତାର ଓ ସାଧୁସନ୍ଥଙ୍କ ବୟସ ପ୍ରାପ୍ତ ବିଜୟରେ, ସଫଳତାରେ, ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଥାଏ । ଏଥିପାଇଁ ତାଙ୍କ ଚରିତ୍ର ପ୍ରକାଶ ପାଉ ଯାହାଙ୍କ ଅବତୀର୍ଣ୍ଣ ହେବା ତାଙ୍କ ପାଇଁ ବିଜୟୀ ସାବ୍ୟସ୍ତ ହେବ । ବିତ୍ତଶାଳୀ ହେବା, ସଫଳତା ଲାଭ କରିବା, ସ୍ୱାବଲମ୍ବୀ ହେବା, ଆଜ୍ଞାବହ ହେବା, ବଳବାନ ହେବା ଜରୁରୀ । କାରଣ ଦୁଃଖ ଦେଉଥିବା ବ୍ୟକ୍ତି ପାପକୁ କ୍ଷମା କରିବା ଓ ହଇରାଣ କରୁଥିବା ବ୍ୟକ୍ତିଙ୍କୁ ଅଣଦେଖା କରିବା, ଶତ୍ରୁମାନଙ୍କ ସହିତ ସ୍ନେହଭାଜନ ହେବା, ଚିନ୍ତନକାରୀଙ୍କ ଶୁଭାକାଙ୍କ୍ଷୀ ହେବା, ଧନଧାନ୍ୟରେ ପରିପୂର୍ଣ୍ଣ ବ୍ୟକ୍ତିଙ୍କୁ ପ୍ରେମ ନ କରିବା, ଦାରିଦ୍ର୍ୟପଣ ଦେଖାଇବା, ଧନୀ ହୋଇ ଗର୍ବ ଓ କୃପଣତା କରିବ ନାହିଁ ବରଂ କ୍ଷମାଶୀଳ ହେବ । ସ୍ୱାର୍ଥବାଦୀ ହୁଅନାହିଁ । ସରକାରକୁ ଅତ୍ୟାଚାରର ମାଧ୍ୟମ ବୋଲି ଭାବ ନାହିଁ, (ଯଦିଓ କ୍ଷମତା, ବଳ ହାତକୁ ଆସିଯାଏ, ତେବେ ତା ଯୋଗୁଁ ଅତ୍ୟାଚାର କରନାହିଁ) । ଏସବୁ ଚାରିତ୍ରିକ ଗୁଣ ଏପରି ହୋଇଥାଏ ଯାହାର ପ୍ରମାଣ ପାଇଁ ଧନୀ ଓ ବଳୀୟାନ୍ ହେବା ସର୍ତ୍ତ । ସେହି ସମୟରେ ଏହାର ପ୍ରମାଣ ଶୀର୍ଷରେ ପହଞ୍ଚିଥାଏ, ଯେତେବେଳେ ମନୁଷ୍ୟ ପାଇଁ ଧନ ଓ ବଳ ଦୁଇଟିଯାକ ଉପଲବ୍ଧ ହୁଏ । ଯେହେତୁ ଯୁଗର ବିପତ୍ତି ଓ ଦୁର୍ବଳତା ମଧ୍ୟରେ ଏହି ଦୁଇ ପ୍ରକାରର ଚରିତ୍ର ପ୍ରକାଶ ହୋଇ ପାରିବ ନାହିଁ । (ଅର୍ଥାତ୍ ଏ ଯେଉଁ ଜିନିଷ ଏପରି ଚରିତ୍ର ଯାହା ଦୁର୍ବଳ ସମୟରେ ମଧ୍ୟ ପ୍ରକାଶ ପାଇଥାଏ ଯେତେବେଳେ ମନୁଷ୍ୟ ବିପତ୍ତିର ଯୁଗ ଦେଖିଥାଏ ଓ ଧନଧାନ୍ୟ ଓ ବଳିୟାନ ଯୁଗକୁ ମଧ୍ୟ ଦେଖିଥାଏ) । ପୁଣି କହିଲେ ସେଥିପାଇଁ କ୍ଷମତାଶାଳୀ ସ୍ରଷ୍ଟା ଇଚ୍ଛା କଲେ ଯେ ଅବତାର ଓ ସାଧୁସନ୍ଥଙ୍କୁ ସେହି ଦୁଇ ପ୍ରକାରର ପରିସ୍ଥିତିରେ ଯାହା ହଜାର ହଜାର ପୁରସ୍କାରଯୁକ୍ତ ସମ୍ପର୍କ ରହିଛି । କିନ୍ତୁ ସେହି ଦୁଇପ୍ରକାର ପରିସ୍ଥିତିର ଯୁଗ ପ୍ରତ୍ୟେକଙ୍କ ପାଇଁ କ୍ରମାଗତ ଭାବେ ଆସି ନଥାଏ । (ଦୁଇଟି ଯାକ ପରିସ୍ଥିତି ହୋଇଥାଏ କିନ୍ତୁ କ୍ରମାଗତ ହୋଇ ନଥାଏ ।) ବରଂ ଐଶୀଶକ୍ତି କେତେକଙ୍କ ପାଇଁ ଶାନ୍ତିର ଯୁଗ ଓ ସୁଖ ସମୃଦ୍ଧି ବୟସର ପ୍ରଥମାର୍ଦ୍ଧରେ ହିଁ ଉପଲବ୍ଧ କରି ଦେଇଥାନ୍ତି । ଦୁର୍ଦ୍ଦଶାର ଯୁଗ ପଛରୁ ଓ କେତେକଙ୍କ ଉପରେ ପ୍ରଥମରୁ ହିଁ ଦୁଃଖ ଆସିଥାଏ । ଶେଷରେ ଐଶୀ ସାହାଯ୍ୟ ସମର୍ଥନ ମିଳିଥାଏ ଏବଂ କେତେକଙ୍କ ମଧ୍ୟରେ ଏହି ଦୁଇଗୋଟି ପରିସ୍ଥିତି ଲୁଚି ରହିଥାଏ ଓ ଆଉ କେତେକଙ୍କ ମଧ୍ୟରେ ସଂପୂର୍ଣ୍ଣ ରୂପେ ପ୍ରକାଶିତ ହୋଇଥାଏ । ଏ ସମ୍ବନ୍ଧରେ ସର୍ବ ପ୍ରଥମେ ହଜରତ ଖାତମୁନ୍ ରସୁଲ୍ ମହମ୍ମଦ୍ ମୁସ୍ତଫା[ସଅ]ଙ୍କ ଯୁଗକୁ ଦେଖିବା । ହଜରତ ମହମ୍ମଦ[ସଅ]ଙ୍କ ଉପରେ ଏହି ଦୁଇ ପରିସ୍ଥିତି ସଂପୂର୍ଣ୍ଣ ରୂପେ ପ୍ରକଟିତ ହୋଇଗଲା । (ଅର୍ଥାତ୍ ଅସୁବିଧା ସମୟ ମଧ୍ୟ ଆସିଲା ଓ ବିଜୟ ଓ ସହଯୋଗର ସମୟ ମଧ୍ୟ ହେଲେ) । ଏପରି କ୍ରମାଗତ ଭାବେ ଆସିଲା ଯାହା ଦ୍ୱାରା ସମସ୍ତ ଚରିତ୍ର ହଜରତ ମହମ୍ମଦ[ସଅ] ଏକ ଚମକଦାର ସୂର୍ଯ୍ୟ ପରି ପ୍ରଜ୍ୱଳିତ ହୋଇଗଲା ଏବଂ **'ଇନ୍ନକା ଲ ଆଲା ଖୋଲକିନ୍ ଅଜିମ୍'**ର ପ୍ରମାଣ ଉତ୍କର୍ଷ ସ୍ଥାନରେ ପହଞ୍ଚିଗଲା । ହଜରତ ମହମ୍ମଦ[ସଅ]ଙ୍କ ଚରିତ୍ର ଉଭୟ ଦିଗରୁ ଶୀର୍ଷରୁ ଶୀର୍ଷତର ପ୍ରମାଣିତ ହୋଇ ଅବତାରଙ୍କ ଚରିତ୍ରକୁ ପ୍ରମାଣ କରୁଅଛି (ତାଙ୍କ ଆଚରଣ ଉତ୍କର୍ଷତାକୁ ପହଞ୍ଚିବା କେବଳ ତାଙ୍କ ଚରିତ୍ରକୁ ନୁହେଁ ବରଂ ସମସ୍ତ ଅବତାରଙ୍କ ଚରିତ୍ରକୁ ପ୍ରମାଣିତ କରୁଅଛି) ତାହା କିପରି ? ତାଙ୍କ ନବୁଓତ୍ ଓ ତାଙ୍କର ପୁସ୍ତକଗୁଡ଼ିକୁ ଅନୁମୋଦନ କଲେ । ସେ ଅଲ୍ଲାଃଙ୍କର ନିକଟତର ହେବା ପ୍ରକାଶ କରୁଅଛି । ସେହି ଅନୁସନ୍ଧାନ ଦ୍ୱାରା ଅଭିଯୋଗ ମଧ୍ୟ ସଂପୂର୍ଣ୍ଣ ରୂପେ ଦୂର ହୋଇଗଲା । ଯେଉଁ ମସିହଙ୍କ ଚରିତ୍ର ବିଷୟରେ ହୃଦୟ ଭିତରେ ଯାହା ଉଙ୍କି ମାରିଥାଏ ଅର୍ଥାତ୍ ଏହି ଚରିତ୍ର ହଜରତ ମହମ୍ମଦ[ସଅ] ଓ ଉପରୋକ୍ତ ଦୁଇ ପ୍ରକାର ଉଚ୍ଚକୋଟୀର ସଦାଚରିତା ଓ ଆଧ୍ୟାତ୍ମିକତା ପ୍ରମାଣିତ ହୋଇ ପାରିବ ନାହିଁ । ବରଂ ଗୋଟିଏ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣିତ ନୁହେଁ । କାରଣ ମସିହ ଯେଉଁ ବିପତ୍ତି ସମୟରେ ଧୈର୍ଯ୍ୟ ଦେଖାଇ ଥିଲେ ସେହି ସହନଶୀଳତା ଯୋଗୁଁ ତାଙ୍କର ସତ୍ୟତା ସେତେବେଳ ପର୍ଯ୍ୟନ୍ତ ପ୍ରମାଣିତ ହୋଇପାରିବ, ଯେତେବେଳେ ଯୀଶୁ ମସିହ ନିଜର କଷ୍ଟଭୋଗ କରୁଥିବା ବ୍ୟକ୍ତିଙ୍କ ଉପରେ ବିଜୟ ହାସଲ କରି ନିଜର ପାପଯୁକ୍ତ ହୃଦୟକୁ ନିର୍ମଳ କରି କ୍ଷମା କରିଦିଅନ୍ତେ । (ଯେଉଁମାନେ ତାଙ୍କୁ କଷ୍ଟ ଦେଇଥିଲେ ସେମାନଙ୍କ ପାପଯୁକ୍ତ ହୃଦୟକୁ ନିର୍ମଳ କରି କ୍ଷମା କରିଦେଲେ । ଯେପରି ଶ୍ରେଷ୍ଠ ନବି ହଜରତ ମହମ୍ମଦ[ସଅ] ମକ୍କା ବାସୀ ତଥା ଅନ୍ୟ ଲୋକମାନଙ୍କ ଉପରେ ସଂପୂର୍ଣ୍ଣ ବିଜୟ ଲାଭ କରିଥିଲେ, ଯେଉଁମାନଙ୍କୁ ନିଜ ତରବାରୀ ତଳେ ନତମସ୍ତକ ହେଉଥିବାର ଦେଖି ପୁଣି ସେମାନଙ୍କ ପାପକୁ କ୍ଷମା କରିଦେଲେ । କେବଳ ସେହି କେତେଜଣ ଲୋକଙ୍କୁ ଦଣ୍ଡ ଦେଇଥିଲେ ଯାହାଙ୍କୁ ଦଣ୍ଡିତ କରିବାପାଇଁ ଅଲ୍ଲାଃତାଲାଙ୍କ ତରଫରୁ ଆଦେଶ ଧାର୍ଯ୍ୟ ହୋଇ ସାରିଥିଲା । ବିଭିନ୍ନ ପ୍ରକାର ଶତ୍ରୁତା ଆଚରଣ ସତ୍ତ୍ୱେ ଶତ୍ରୁର ପାପକୁ କ୍ଷମା କରିଦେଲେ ଓ ବିଜୟ ହାସଲ କରି ସମସ୍ତଙ୍କୁ **'ଲାତସ୍‌ରିବା ଆଲୈକୁମଲ୍ ୟଓମ୍'** ବୋଲି କହିଲେ । ଶତ୍ରୁମାନଙ୍କ ଦୃଷ୍ଟିରେ ପାପକୁ ଏଡାଇଦେବା ଏକ ଅସମ୍ଭବ କଥା ମନେ ହେଉଥିଲା ଏବଂ ନିଜର ଖଳ ସ୍ୱଭାବ ଉପରେ ଦୃଷ୍ଟି ଦେବାଯୋଗୁଁ ସେ ନିଜର ଚେହେରା ତାଙ୍କ ଶତ୍ରୁମାନଙ୍କ ହାତରେ ଦେଖି ନିଜକୁ ହତ୍ୟାକାରୀ ବୋଲି ଭାବୁଥିଲେ । (ଅର୍ଥାତ୍ ଏପରି ଅଣଦେଖା ସ୍ୱଭାବ ପ୍ରଦର୍ଶନ କଲେ ଯାହାକି ଶତ୍ରୁମାନଙ୍କୁ ନିଜର ପାପ ଓ ଅପରାଧ ଯୋଗୁଁ ଲାଗୁଥିଲା ଯେ ବର୍ତ୍ତମାନ ଏହା କାଠିକର ପାଠ ଯେ ଆମମାନଙ୍କୁ କେବେ କ୍ଷମା କରାଯିବ ନାହିଁ । ଯେତେବେଳେ ସେମାନେ ନିଜ କୃତକର୍ମର ଦୃଷ୍ଟାନ୍ତକୁ ଦେଖୁଥିଲେ ସେତେବେଳେ ଭାବୁଥିଲେ ଯେ ବର୍ତ୍ତମାନ ଆମର ଶାସ୍ତି କେବଳ ଏହା ହେବ ଯେ ଆମକୁ ହତ୍ୟା କରାଯିବ । କିନ୍ତୁ ହଜରତ ମହମ୍ମଦ[ସଅ] ସେମାନଙ୍କୁ କ୍ଷମା କରିଦେଲେ । ହଜାର ହଜାର ସଂଖ୍ୟାରେ ଲୋକମାନେ ଏକାଥରକେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ । ଏଣୁ ଧୈର୍ଯ୍ୟଶୀଳତାର ପ୍ରକୃତ ନିଦର୍ଶନ ହଜରତ ମହମ୍ମଦ[ସଅ]ଙ୍କର ଦେଖାଇଲେ, ଯାହା ଗୋଟିଏ ଯୁଗ ପର୍ଯ୍ୟନ୍ତ ସେମାନଙ୍କର କଠିନରୁ କଠିନ ଦୁଃଖ ଦୁର୍ଦ୍ଦଶା ସମୟରେ ସହ୍ୟ କରିଥିଲେ । ଚମକପ୍ରଦ ସୂର୍ଯ୍ୟକିରଣ ପରି ସେମାନଙ୍କ ସମ୍ମୁଖରେ ଉଜ୍ୱଳ ହୋଇଗଲା । ସ୍ୱଭାବତଃ ମନୁଷ୍ୟର ଅଭ୍ୟାସ ଯେ ସେହି ବ୍ୟକ୍ତିର ଧୈର୍ଯ୍ୟ ଓ ସହିଷ୍ଣୁତା ସଂପୂର୍ଣ୍ଣ ରୂପେ ସେତେବେଳେ ଉଜ୍ୱଳ ହୋଇଥାଏ, ଯାହା ଯୁଗାନ୍ତ ସମୟରେ ତା'ର ପାପକୁ କ୍ଷମା କରିଦିଏ । ଅର୍ଥାତ୍ ବହୁତ୍ ଲମ୍ବା ଯୁଗ ପର୍ଯ୍ୟନ୍ତ ତାଙ୍କୁ କଷଣ ଦିଆଯାଏ କିନ୍ତୁ ସେହି ସମୟରେ ତାର ଧୈର୍ଯ୍ୟ ଶକ୍ତି ପ୍ରକାଶ ହୋଇଥାନ୍ତା । ସେତେବେଳେ କାହାରିକୁ କଷ୍ଟ ଦିଆଯାଏ, ଯେତେବେଳେ ତା ପ୍ରତିଶୋଧ ନେବା ପାଇଁ ପ୍ରକୃତ ସାମର୍ଥ୍ୟ ହାସଲ ହୋଇଥାଏ । ଶକ୍ତି ମିଳିଯାଏ ସେତେବେଳେ ସେ ସମସ୍ତଙ୍କ ପାପକୁ କ୍ଷମା କରି ଦିଅନ୍ତି । ତେବେ ଏହା ହେଲା ପ୍ରକୃତ ଧୈର୍ଯ୍ୟ ସହନଶୀଳତା ଯାହାର ଉଦାହରଣ ହଜରତ ମହମ୍ମଦ[ସଅ] ଦେଇଥିଲେ । ଏଥିପାଇଁ ମସିହଙ୍କର ଯେଉଁ ସଦାଚାର, ଧୈର୍ଯ୍ୟ, ନମ୍ରତା, ସହନଶୀଳତା ଥିଲା ତାହା ପ୍ରମାଣିତ ହୋଇ ପାରିଲା ନାହିଁ । ଏହି ବିଷୟ ଭଲଭାବରେ ଖୋଲି ନଥିଲା ଯେ ମସିହଙ୍କ ଧୈର୍ଯ୍ୟ, ନମ୍ରତାର ଗୁଣ ନିଜ ଅଧୀନରେ କିମ୍ବା ପର ଅଧୀନରେ ଥିଲା । କାରଣ ମସିହ ବଳୀୟାନ ହେବାର ଯୁଗ ଦେଖି ନଥିଲେ । ତାହା ଦେଖାଯାଇଥାନ୍ତା ସେ ତାଙ୍କ ଅତ୍ୟାଚାରୀମାନଙ୍କ ପାପକୁ ଅଣଦେଖା କଲେ କିମ୍ବା ପ୍ରତିଶୋଧ ନେଲେ । ଚରିତ୍ର ଉପରେ ଆକ୍ଷେପ ବିରୁଦ୍ଧରେ ହଜରତ ମହମ୍ମଦ[ସଅ] ଙ୍କୁ ଆକ୍ରମଣର ଅନେକ ସୁଯୋଗ ମିଳିଥିଲେ ସୁଧା ସର୍ବଦା ସମୟାନୁଯାୟୀ ଭଲ ଭାବରେ ପ୍ରକାଶିତ ହୋଇଗଲେ ଓ ତାଙ୍କୁ ପରୀକ୍ଷା କରାଗଲା । ତାଙ୍କ ସତ୍ୟତା ସୂର୍ଯ୍ୟକିରଣ ପରି ଉଜ୍ୱଳ ହୋଇଗଲା । ଯେଉଁ ଚାରିତ୍ରିକ ସଦ୍‌ଗୁଣ ଭିତ୍ତିକ କର୍ମ କ୍ଷମା, ପରୋପକାରୀ, ବଡ଼ିମା ଓ ଧୈର୍ଯ୍ୟଶକ୍ତି, ସଂସାର ପ୍ରତି ବୈରାଗ ଭାବ ସେ ଦେଖାଇଥିଲେ । ସେ ମଧ୍ୟ ହଜରତ ମହମ୍ମଦ[ସଅ]ଙ୍କ ଅଧୀନସ୍ଥ ହୋଇ ଏପରି କୌଶଳ ଅବଲମ୍ବନ କଲେ ଓ ଆକୃଷ୍ଟ ହେଲେ ଯେ କେବଳ ମସିହ କାହିଁକି, ବରଂ ସଂସାରରେ ହଜରତ ମହମ୍ମଦ[ସଅ]ଙ୍କ ପୂର୍ବରୁ ଏପରି କୌଣସି ଅବତାର ଆସି ନଥିଲେ ଯାହାଙ୍କ ଚରିତ୍ର ଏପରି ଜାଜ୍ୱଲ୍ୟମାନ ହୋଇଥିଲା । କାରଣ ପ୍ରଭୁ ଅସଂଖ୍ୟ ଅମୂଲ୍ୟ ଭଣ୍ଡାରର ଦ୍ୱାରା ହଜରତ ମହମ୍ମଦ[ସଅ]ଙ୍କ ପାଇଁ ଉନ୍ମୁକ୍ତ କରି ଦେଇଥିଲେ । ତେଣୁ ସେ ସେହି ସବୁ ରତ୍ନ ପ୍ରଭୁଙ୍କ ମାର୍ଗରେ ବ୍ୟୟ କଲେ ଏବଂ ନିଜର ଆରାମ ପାଇଁ ଗୋଟିଏ କପର୍ଦ୍ଦକ ମଧ୍ୟ ରଖି ନଥିଲେ । ସେ ନା'ତ କୌଣସି ରାଜପ୍ରାସାଦ ନିର୍ମାଣ କରିଥିଲେ ନା କୌଣସି ଅଦାଲତ ତିଆରି କରିଥିଲେ, ବରଂ ଏକ ମାଟି ନିର୍ମିତ କୋଠରୀରେ ନିଜ ଜୀବନ କଟାଇଥିଲେ ଯାହା ଦରିଦ୍ର ଲୋକମାନଙ୍କ କୋଠରୀ ଠାରୁ ମଧ୍ୟ ନିକୃଷ୍ଟ ଧରଣର ଥିଲା । ଅନ୍ୟର ବଦ୍‌ଗୁଣ ଗାଇବା ପରିବର୍ତ୍ତେ ଲୋକମାନଙ୍କୁ ପୁଣ୍ୟ କାର୍ଯ୍ୟ କରି ଦେଖାଇଥିଲେ ଓ ଯେଉଁମାନେ ଅତ୍ୟାଚାରୀ ଥିଲେ, ସେମାନଙ୍କୁ ତାଙ୍କ ଦୁର୍ଦ୍ଦଶା ସମୟରେ ଅତ୍ୟଧିକ ସୁଖ ପ୍ରଦାନ କରୁଥିଲେ । ଶୟନ ପାଇଁ ଚଟାଣରେ ବିଛଣା ଓ ରହଣି ପାଇଁ ଗୋଟିଏ ଛୋଟ କୁଡ଼ିଆ ଏବଂ ନଖାଇ ନପିଇ ଭୋକିଲା ଶୋଷିଲା ମଧ୍ୟ ରହୁଥିଲେ । ସଂସାରର ବୈଭବ ବହୁମାତ୍ରାରେ ତାଙ୍କୁ ପ୍ରଦାନ କରା ଯାଇଥିଲା କିନ୍ତୁ ହଜରତ ମହମ୍ମଦ[ସଅ] ତାଙ୍କ ପବିତ୍ର ହସ୍ତକୁ ସଂସାରର ମୋହମାୟା ଠାରୁ ଦୂରେଇ ରଖିଥିଲେ । ସର୍ବଦା ଦରୀଦ୍ର ମାନଙ୍କୁ ଧନଶାଳୀ ବ୍ୟକ୍ତି ମାନଙ୍କଠାରୁ ଦୂରେଇ ରଖିଥିଲେ । ସେହିଦିନ ଠାରୁ ଯେଉଁଦିନ ସେ ନିଜର ଅତି ଘନିଷ୍ଠ ବଂଧୁଙ୍କ ପାଖକୁ ଚାଲିଗଲେ (ଅର୍ଥାତ୍ ପ୍ରାରମ୍ଭିକ ଜୀବନ ଠାରୁ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ) ନିଜ ମୁନିବ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟକୁ ସେ କିଛି ବୋଲି ଭାବୁ ନଥିଲେ । ଏବଂ ହଜାର ହଜାର ଶତ୍ରୁତା ସତ୍ତ୍ୱେ 'ମାରକା' ବା ଯୁଦ୍ଧରେ ଯେଉଁଥିରେ ହତ୍ୟା କରାଯିବାର ଯଥେଷ୍ଟ ସମ୍ଭାବନା ଥିଲା (ଅତି କଷ୍ଟକର ସ୍ଥାନ ଥିଲା) ସ୍ୱଚ୍ଛ ଭାବମୂର୍ତ୍ତି ଦେଖାଇ ଥିଲେ । କ୍ଷମା ଓ ଧୈର୍ଯ୍ୟ, ବାହାଦୁରି ଓ ଅଲ୍ଲାଃଙ୍କ ପ୍ରେମ ଭିତ୍ତିକ ଯେଉଁ ସବୁ ସତ୍‌କର୍ମ ରହିଛି, ତାହା ମଧ୍ୟ ପ୍ରଭୁ ହଜରତ୍ ନବିଶ୍ରେଷ୍ଠ ହଜରତ ମହମ୍ମଦ[ସଅ]ଙ୍କ ଉପରେ ଏପରି ପ୍ରକାଶ କଲେ, ଯାହାର ଦୃଷ୍ଟାନ୍ତ ନା କେବେ ସଂସାରରେ ପ୍ରକାଶ ହୋଇଥିଲା, ନା' ଆଗାମୀ ଦିନରେ ପ୍ରକାଶିତ ହେବ ।'

ଅଲୌକିକ ନିଦର୍ଶନ ସେହି ବ୍ୟକ୍ତିତ୍ୱଙ୍କ ଉପରେ ସମାପ୍ତ କରି ଦିଆଗଲା । **'ୱା ହାଜା ଫଜ୍‌ଲୁଲ୍ଲାହି ୟୁଉତିହି ମୈଁ ୟାଶା' (ବରାହିନେ ଅହମଦିୟା, ଦ୍ୱିତୀୟ ଭାଗ, ରୁହାନି ଖଜାଇନ୍, ଖଣ୍ଡ ୧, ପୃଷ୍ଠା ୨୭୬ରୁ ୨୯୨, ପାଦଟୀକା ୧୧)**

ପୁନରାୟ ଜଣେ ଇସାଇଙ୍କ ପ୍ରଶ୍ନକୁ ବିଶ୍ଳେଷଣ କରି କହିଲେ, ସ୍ୱର୍ଗୀୟ ଆଲୋକ ଓ ଜ୍ୟୋତି ହେଉଛନ୍ତି ହଜରତ ମହମ୍ମଦ[ସଅ] । ହଜରତ ମସିହ ମଉଦ[ଅସ] କହିଲେ, ପ୍ରଶ୍ନ ଥିଲା ଯୀଶୁ ମସିହ ନିଜ ପାଇଁ ଏହି କଥା କହିଥିଲେ 'ମୋ ପାଖକୁ ଆସ, ତୁମେ ଯେପରି ରୋଗଗ୍ରସ୍ତ ହୋଇ ରହିଛ, ମୁଁ ତୁମମାନଙ୍କୁ ଆରୋଗ୍ୟ ପ୍ରଦାନ କରିବି' ମୁଁ ଉଜ୍ୱଳ ମୁଁ ମାର୍ଗ । ମୁଁ ଜୀବନ ଓ ସତ୍ୟ । ଏପରି କଥା କେବେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ନିଜ ପାଇଁ ସଂକେତ ଦେଇ କହିଛନ୍ତି କି ?'

ହଜ୍‌ରତ୍ ମସିହ ମଉଦ[ଅସ] କହିଲେ, 'ପବିତ୍ର କୋରାନ୍‌ରେ ସ୍ପଷ୍ଟଭାବେ କୁହାଯାଇଅଛି, **'କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫାତ୍‌ତାବିଉନୀ ୟୁହ୍**

**ବିବ୍‌କୁମୁଲ୍ଲାହ ୱ୍ୟଗଫିର୍ ଲକୁମ୍ ଜୋନୁବକୁମ୍' (ଆଲେ ଇମ୍ରାନ୍ ୩୨)** ଅର୍ଥାତ୍ ସେମାନଙ୍କୁ କହିଦିଅ 'ଯଦି ଅଲ୍ଲାଃଙ୍କୁ ସ୍ନେହ କରୁଛ ତେବେ ଆସ, ମୋର ଆଜ୍ଞାନୁବହ ହୁଅ । ତେବେ ପ୍ରଭୁ ମଧ୍ୟ ତୁମକୁ ସ୍ନେହ କରିବେ ଓ ତୁମର ପାପକୁ କ୍ଷମା କରିଦେବେ' । ଏହା ମୁଁ ପ୍ରତିଶ୍ରୁତି ଦେଉଛି ଯେ ମୋର ଆଜ୍ଞାବହତା ଦ୍ୱାରା ମନୁଷ୍ୟ ପ୍ରଭୁଙ୍କର ଆଦରଣୀୟ ହୋଇଯାଏ ମସିହଙ୍କ ପୂର୍ବବର୍ତ୍ତୀ ବାଣୀରେ ଉତ୍କୃଷ୍ଟ ଶିକ୍ଷା ରହିଛି । କାରଣ ତା'ଠାରୁ ବଳି ଆଉ କୌଣସି ସ୍ଥାନ ନାହିଁ ଯେକି ମନୁଷ୍ୟ ପ୍ରଭୁଙ୍କ ପ୍ରିୟ ହୋଇଯିବ । ଯାହାଙ୍କ ମାର୍ଗରେ ପରିଚାଳିତ ହୋଇ ମନୁଷ୍ୟ ଅଲ୍ଲାଃଙ୍କ ପ୍ରେମିକ ହୋଇଥାଏ । ତା'ଠାରୁ ବଳି ଆଉ ଅଧିକ କାହାର ଅଧୀକାର ଅଛି ଯେ ନିଜ ବ୍ୟକ୍ତିତ୍ୱକୁ ଉଜ୍ୱଳ ନାମରେ ନାମକରଣ କର । ଏଇଥି ପାଇଁ ଅଲ୍ଲାଃତାଲା କୋରାନ୍‌ରେ ହଜରତ ମହମ୍ମଦ[ସଅ]ଙ୍କ ନାମ ଉଜ୍ୱଳ ବୋଲି ରଖିଲେ ।

ଯେପରିକି କହିଛନ୍ତି **'କଦ୍‌ଯାଆକୁମ୍ ମିନଲ୍ଲାହି ନୁର୍' (ଅଲ୍-ମାଏଦା ୧୬)** 'ଅର୍ଥାତ୍ ଅଲ୍ଲାଃତାଲାଙ୍କ ଜ୍ୟୋତି ତୁମ ପାଖକୁ ଆସିଛି'**(ସିରାଜୁଦ୍ଦିନ୍ ଇସାଇର ଚାରିଗୋଟି ପ୍ରଶ୍ନର ଉତ୍ତର, ରୁହାନୀ ଖଜାଇନ୍, ଖଣ୍ଡ ୧୨ , ପୃଷ୍ଠା ୩୭)**

ପୁନରାୟ ସେହି କଥା ବର୍ଣ୍ଣନା କରିଛନ୍ତି ଯେ ହଜରତ ମହମ୍ମଦ[ସଅ]ଙ୍କ ପ୍ରେମ ଓ ଆଜ୍ଞାବହତା ମନୁଷ୍ୟକୁ ପ୍ରଭୁଙ୍କ ପ୍ରିୟଭକ୍ତ କରିଥାଏ । ସେ ଆହୁରି କହିଛନ୍ତି,

'ଅଲ୍ଲାଃତାଲା କାହା ସହିତ ପ୍ରେମ କରିବାରେ ଏହି ସର୍ତ୍ତ ରଖିଛନ୍ତି ଯେ ସେହି ବ୍ୟକ୍ତି ହଜରତ ମହମ୍ମଦ[ସଅ]ଙ୍କ ଆଜ୍ଞାଧୀନ ହେଉ' ଅର୍ଥାତ୍ ଯଦି ତାଙ୍କ ସହିତ ପ୍ରେମ କରିବ ତେବେ ମୋର ପ୍ରେମ ତୁମକୁ ମିଳିବ । ପୁଣି କହୁଛନ୍ତି, ଏହା ମୋର ବ୍ୟକ୍ତିଗତ ଅଭିଜ୍ଞତା ଯେ ହଜରତ ମହମ୍ମଦ[ସଅ]ଙ୍କର ସ୍ୱଚ୍ଛ ହୃଦୟରେ ଆଜ୍ଞାଧୀନ ହେବା ତାଙ୍କ ସହିତ ପ୍ରେମ ସଂପର୍କ ରଖିବା ଫଳରେ ମନୁଷ୍ୟକୁ ପ୍ରଭୁଙ୍କର ପ୍ରିୟତମ କରି ଦେଇଥାଏ । ସେହିପରି ନିଜେ ତା'ର ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରେମ ଉଦ୍ରେକ କରିଥାଏ ।

ତେବେ ଏପରି ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରି ପ୍ରଭୁଙ୍କ ଆଡ଼କୁ ଢ଼ଳି ଯାଇଥାଏ ଏବଂ ତା'ର ସ୍ନେହ କେବଳ ପ୍ରଭୁଙ୍କ ପାଇଁ ହିଁ ରହିଯାଏ । ସେତେବେଳେ ତାଙ୍କର ସ୍ନେହର ବିଶେଷ ଝଲକ ତା' ଉପରେ ପଡ଼ିଥାଏ ଏବଂ ତାକୁ ଗୋଟିଏ ସଂପୂର୍ଣ୍ଣ ପ୍ରେମର ରଙ୍ଗ ଦେଇ ବେଶି ଉତ୍ସାହିତ ହୋଇ ନିଜ ଆଡ଼କୁ ଆକର୍ଷିତ କରିଥାନ୍ତି । ତେବେ ଇନ୍ଦ୍ରୀୟ ଦ୍ୱାରା ପ୍ରଭାବିତ ହୋଇ ବିଜୟ ଲାଭ କରିଥାଏ ଏବଂ ତା'ର ସାହାଯ୍ୟ ଓ ସହଯୋଗ ଦ୍ୱାରା ପ୍ରତ୍ୟେକ ଦୃଷ୍ଟିକୋଣରୁ ପ୍ରଭୁଙ୍କ ପ୍ରତିକୃତିର ଉପାୟ ଚିହ୍ନ ରୂପେ ପ୍ରକାଶିତ ହୋଇଥାଏ ।**(ହକିକତୁଲ ୱ୍ହି, ରୁହାନୀ ଖଜାଇନ୍, ଖଣ୍ଡ ୨୨ , ପୃଷ୍ଠା ୬୭ରୁ ୬୮)**

ପୁଣି ଏହା ବର୍ଣ୍ଣନା କରିଛନ୍ତି ଯେ 'ସବୁଠାରୁ ସ୍ୱୟଂ ସଂପୂର୍ଣ୍ଣ ମନୁଷ୍ୟ ଓ ସଂପୂର୍ଣ୍ଣ ନବି ହେଉଛନ୍ତି ହଜରତ ମହମ୍ମଦ[ସଅ] । ସେହି ମନୁଷ୍ୟ ଯିଏ ନିଜ ବ୍ୟକ୍ତିତ୍ୱରେ, ନିଜ ଗୁଣ ଦ୍ୱାରା, ନିଜ କାର୍ଯ୍ୟଶୈଳୀରେ ଓ ନିଜର ଆଧ୍ୟାତ୍ମିକତା ଓ ପବିତ୍ରତାରେ ବଳିୟାନ୍ ହୋଇ ଶିକ୍ଷା ଓ କାର୍ଯ୍ୟ ଭିତ୍ତିରେ ନିପୁଣତା, ସତ୍ୟବାଦୀତାରେ ପ୍ରତିଷ୍ଠିତ ହୋଇ ଦେଖାଇଲେ ଓ ସଂପୂର୍ଣ୍ଣ ମନୁଷ୍ୟ ବୋଲାଇଲେ । ସେହି ମନୁଷ୍ୟ ଯିଏ କି ସମସ୍ତଙ୍କ ଠାରୁ ଅଧିକ ଉତ୍ତମ ଓ ସମ୍ପୂର୍ଣ୍ଣ ମନୁଷ୍ୟ ଥିଲେ, ସଂପୂର୍ଣ୍ଣ ନବି ମଧ୍ୟ ଥିଲେ, ସଂପୂର୍ଣ୍ଣ ଉନ୍ନତି ନେଇ ଆସିଥିଲେ, ଯାହାର ଆଧ୍ୟାତ୍ମିକ ପତନ ଯୋଗୁଁ ସଂସାରର ପ୍ରଥମ ପ୍ରଳୟ ପ୍ରକାଶିତ ହେବା ମଧ୍ୟରୁ ନୂତନ ଜୀବନ ଦାନ ପାଇଲା । ସେହି ପବିତ୍ର ଓ ଶେଷ ନବି, ସତ୍ୟ ନବି, ଶ୍ରେଷ୍ଠତମ ନବି ହେଉଛନ୍ତି ହଜରତ ମହମ୍ମଦ୍ ମୁସ୍ତଫା[ସଅ] । ହେ ଆମର ସ୍ନେହବତ୍ସଳ ପ୍ରଭୁ ! ସେହି ସ୍ନେହାଶୀଷ ନବିଙ୍କ ଉପରେ ଦୟା ଓ ଦରୁଦ୍ ପ୍ରେରଣ କର, ଯାହା ସଂସାର ଆରମ୍ଭ ହେବା ପର ଠାରୁ କାହା ପାଇଁ ପ୍ରେରଣ କରାଯାଇ ନାହିଁ । ଯଦି ଏହି ମହାନ୍ ନବି ସଂସାରକୁ ଆସି ନଥା'ନ୍ତେ ତେବେ ମଧ୍ୟ ଯେପରି ଛୋଟ ଛୋଟ ନବି ସଂସାରକୁ ଆସିଥିଲେ ଯେପରିକି ୟୁନୁସ୍, ଅୟୁବ୍ ଓ ମରିୟମ୍‌ଙ୍କ ପୁତ୍ର ମସିହ ଓ ମଲାକି, ୟାହିୟା, ଜକ୍‌ରିୟା ଇତ୍ୟାଦି ଇତ୍ୟାଦି । ସେମାନଙ୍କ ସତ୍ୟତାର କୌଣସି ପ୍ରମାଣ ଆମ ପାଖରେ ନାହିଁ । ଯଦିଓ ସମସ୍ତେ ସୌନ୍ଦର୍ଯ୍ୟମୟ ପ୍ରଭୁଙ୍କ ନିକଟତର ଥିଲେ । ଏହା ତ ସେହି ନବିଙ୍କର ଦୟା ଥିଲା ଯେ ଏମାନେ ମଧ୍ୟ ସଂସାରରେ ସତ୍ୟବାଦୀ ବୋଲି ବିବେଚିତ ହେଲେ । **'ଅଲ୍ଲାହୁମ୍ମା ସଲ୍ଲେ ୱ୍ୱସଲ୍ଲିମ୍ ଓବାରିକ୍ ଆଲୈହ ଓ ଅସ୍‌ହାବେହି ଅଜ୍‌ମୟିନ୍' (ଏତ୍ମାମୁଲ୍ ହୁଜତ୍, ରୁହାନୀ ଖଜାଇନ୍, ଖଣ୍ଡ ୮, ପୃଷ୍ଠା ୩୦୮)**

ପୁଣି ହଜରତ ମହମ୍ମଦ[ସଅ]ଙ୍କର କେତେ ଗୁଡ଼ିଏ ଅନୁଗ୍ରହ ଓ ଦୟାଶୀଳତା ଗୁଣର ଆଲୋଚନା କରି ସେ କହୁଛନ୍ତି 'ସେ ଆମ ପାଇଁ ଏପରି ଜଣେ ରସୁଲଙ୍କୁ ପ୍ରେରଣ କଲେ ଯେ କର୍ତ୍ତବ୍ୟ ପରାୟଣ ଥିଲେ । ସମସ୍ତ ଭଲ କାର୍ଯ୍ୟରେ ପ୍ରଶଂସନୀୟ ଥଲେ । 'ଉମୁଲ୍ କିରା'ର ପ୍ରତିଶ୍ରୁତି ଅନୁଯାୟୀ ଆସିଥିବା ନବି ପ୍ରକୃତ ପକ୍ଷେ ମହମ୍ମଦ୍[ସଅ] । ତାଙ୍କ ମଧୁର ବଚନ ସର୍ବଦା ତାଙ୍କ ଗୁଣଗାନରେ ଭିଜି ରହୁଥିଲା । ସେହି ଦୃଷ୍ଟିରୁ ମଧ୍ୟ ସେ ସଂପୂର୍ଣ୍ଣ ଗୁଣଗାନର ଅଧିକାରୀ । ସେ ମାନବ ଜାତି ପାଇଁ ବହୁତ୍ ପରିଶ୍ରମ ଓ ସଂଘର୍ଷ କରିଛନ୍ତି । ଧର୍ମରୂପୀ ଅଟ୍ଟାଳିକାକୁ ଶୀର୍ଷ ସ୍ଥାନ ପ୍ରଦାନ କରିଛନ୍ତି । ସେ ଆମମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଜ୍ୟୋତିର୍ମୟ ପୁସ୍ତକ ଆଣିଥିଲେ । ଏଥିପାଇଁ ମଧ୍ୟ ସେ ନିଜ ପାଳନକର୍ତ୍ତାଙ୍କ ବାର୍ତ୍ତାକୁ ପହଞ୍ଚାଇବା ପାଇଁ ତାଙ୍କୁ ବିଭିନ୍ନ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପୁଣି ଏଥିପାଇଁ ସେ ପୂର୍ବ ପୁସ୍ତକମାନଙ୍କରେ ଯାହା ଅସମ୍ପୂର୍ଣ୍ଣ ଓ ଦ୍ୱନ୍ଦ୍ୱ ରହୁଥିଲା, ସେଗୁଡ଼ିକୁ ସେ ସଂପୂର୍ଣ୍ଣ କଲେ ଓ ଆମମାନଙ୍କୁ କମ୍ ବେଶୀ ଥିବା ଓ ବିଭିନ୍ନ ଦୋଷ ଦୁର୍ବଳତାରୁ ଉଦ୍ଧାର କରି ପବିତ୍ର ଧର୍ମଗ୍ରନ୍ଥ ପ୍ରଦାନ କଲେ ଓ ଚରିତ୍ରକୁ ଶୀର୍ଷରେ ପହଞ୍ଚାଇଲେ । ଯାହା କିଛି ଅସଂପୂର୍ଣ୍ଣ ଥିଲା ସେଗୁଡ଼ିକୁ ସଂପୂର୍ଣ୍ଣ କଲେ ଓ ପୃଥିବୀର ସମସ୍ତ ଧର୍ମାବଲମ୍ବୀମାନଙ୍କ ଉପରେ ଦୟା କଲେ । ଅତି ମଧୁର ବଚନ ଦ୍ୱାରା ଓ ଅତ୍ୟନ୍ତ ଉଜ୍ଜ୍ୱଳ ଐଶୀବାଣୀ ମାଧ୍ୟମରେ ପୁଣ୍ୟର ମାର୍ଗ ଦର୍ଶାଇଲେ ଓ ମାନବଜାତିକୁ କୁପଥରୁ ଉଦ୍ଧାର କଲେ । ନିଜର ଆଦର୍ଶ ମାଧ୍ୟମରେ ସେମାନଙ୍କୁ କୂଳରେ ଲଗାଇଲେ । ଯେଉଁ ଲୋକମାନେ ପଶୁ ପରି ରହୁଥିଲେ, ଅଶିକ୍ଷିତ ଥିଲେ, ଅସଭ୍ୟ ଥିଲେ ସେମାନଙ୍କୁ ଭାଷାଜ୍ଞାନ ଶିଖାଇଲେ । ସେମାନଙ୍କ କଥିତ ଭାଷାରେ ସଂସ୍କାର ଆଣିଥିଲେ । ସେମାନଙ୍କ ଚରିତ୍ରକୁ ସର୍ବୋତ୍ତମ କରି ଦେଲେ । ସେମାନଙ୍କ ମଧ୍ୟରେ ଉତ୍ତମ କର୍ମ କରିବାର ପ୍ରାଣ ବାୟୁ ଭରି ଦେଲେ । ସମସ୍ତ ରସୁଲଙ୍କୁ ଆଦରଣୀୟ କରିଦେଲେ । ସେମାନଙ୍କୁ ଏପରି ପବିତ୍ର ଓ ସ୍ୱଚ୍ଛ କରିଦେଲେ ଯେ ସେମାନେ ଅଲ୍ଲାଃତାଲାଙ୍କ ଇଚ୍ଛାରେ ମଗ୍ନ ହୋଇଗଲେ । ଅଲ୍ଲାଃତାଲାଙ୍କ ପାଇଁ ସେମାନେ ପାଣି ପରି ରକ୍ତ ବୁହାଇଲେ, ସଂପୂର୍ଣ୍ଣ ଆଜ୍ଞା ସହିତ ନିଜକୁ ସଂପୂର୍ଣ୍ଣ ରୂପେ ଅଲ୍ଲାତାଲାଙ୍କ ନିକଟରେ ସମର୍ପଣ କଲେ । ଅନ୍ୟପଟେ ସେ ଅଛୁଆଁ, ଲୁଚି ରହିଥିବା ତତ୍ତ୍ୱଜ୍ଞାନ ଓ ପୁଣ୍ୟ ଶିକ୍ଷା ଦେଇ ଆମମାନଙ୍କୁ ତାଙ୍କ ଦିବ୍ୟ ଆହାରର ଭାଗିଦାର ଓ ଉପଯୁକ୍ତ ସ୍ଥାନରେ ପହଞ୍ଚାଇଲେ । (ଚରିତ୍ରରେ ମଧ୍ୟ ଶେଷସ୍ଥାନ ଅର୍ପଣ କଲେ, ଶିକ୍ଷାଦୀକ୍ଷା ଓ ପୁଣ୍ୟ କର୍ମରେ ମଧ୍ୟ ଅଗ୍ରଣୀ ଥିଲେ । ତାଙ୍କ ମାର୍ଗଦର୍ଶନ ଯୋଗୁଁ ପ୍ରକୃତ ଅଲ୍ଲାଃଙ୍କ ପାଖରେ ପହଞ୍ଚିବାର ମାର୍ଗକୁ ଆମେ ଆମ ଆଖିରେ ଦେଖିଲୁ । (ଆଧ୍ୟାତ୍ମିକତାରେ ମଧ୍ୟ ଶୀର୍ଷକୁ ନେଇଗଲେ) ଆମେ ଆକାଶର ଶୀର୍ଷକୁ ଯାଇ ପହଞ୍ଚିଲୁ । ଏଥି ପୂର୍ବରୁ ଆମେ ମାଟିରେ ଧସି ଯାଇଥିଲୁ । ଅଲ୍ଲା ଶେଷ ଦିବସର ଚୂଡ଼ାନ୍ତ ଫଳାଫଳ ପର୍ଯ୍ୟନ୍ତ ଓ ଜନବସତି ଥିବା ପର୍ଯ୍ୟନ୍ତ ତାଙ୍କ ଉପରେ ଦରୁଦ୍ ଓ ସଲାମ୍ ପ୍ରେରଣ କଲେ । ପୁଣି ତାଙ୍କ ପୁତ୍ର ସନ୍ତାନ ଓ ପରିବାରବର୍ଗ, ତାହେର ଓ ତୟବ୍‌ଙ୍କ ଉଦ୍ଦେଶ୍ୟରେ ଓ ଅନୁଚରମାନଙ୍କ ଉଦ୍ଦେଶ୍ୟରେ ଯେଉଁମାନେ ତାଙ୍କ ସହଯୋଗୀ ମଧ୍ୟ ଥିଲେ । ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ବାଚିତ ସେହି ଜମାଅତ୍, ଯେଉଁମାନେ ନିଜ ଜୀବନ, ସମ୍ମାନ ଧନ ସଂପତ୍ତି ଓ ସନ୍ତାନମାନଙ୍କ ତୁଳନାରେ ଅଲ୍ଲାଃତାଲାଙ୍କୁ ବଜାୟ ରଖିଲେ । (ରଜିଅଲ୍ଲାହୁ ଅନ୍‌ହୁମ୍ ଅଜ୍‌ମୟିନ୍)

**(ଅଲ ବଲାଗ୍, ରୁହାନୀ ଖଜାଇନ, ଖଣ୍ଡ ୧୩, ପୃଷ୍ଠା ୪୩୩-୪୩୪, ଆରବି ପଙ୍‌କ୍ତିରୁ ଅନୁବାଦ)**

ପୁଣି ହଜରତ ମହମ୍ମଦ[ସଅ]ଙ୍କ 'ଖତ୍‌ମେ ନବୁଓ୍ୱତ୍' ଶୀର୍ଷକ ସ୍ଥାନର ମହତ୍ତ୍ୱ ବିଷୟରେ ଆଲୋଚନା କରି ସେ କହିଛନ୍ତି; 'ଆମେ ବିଶ୍ୱାସ ରଖୁଛୁ ଯେ ଆମର ମୁନିବ ମହମ୍ମଦ୍ ମୁସ୍ତଫା[ସଅ] ଅଲ୍ଲାଃତାଲାଙ୍କ ନବି ଓ ରସୁଲ୍ । ତାଙ୍କ ଧର୍ମ ସମସ୍ତ ଧର୍ମ ଠାରୁ ଉତ୍କୃଷ୍ଟ । ଆମେ ଏ କଥାରେ ବିଶ୍ୱାସ ରଖୁଛୁ ଯେ ହଜରତ ମହମ୍ମଦ[ସଅ] ଶେଷ ନବି । ତାଙ୍କ ପରେ ସେହି ନବି ଆସି ପାରନ୍ତି, ଯାହାର ସଂସ୍କାର ତାଙ୍କ ଅନୁକମ୍ପାରୁ ଲବ୍ଧ ହୋଇଥିବ । ତାଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ସେ ଆସିଥିବେ ଓ ଏହା ଛଡ଼ା ଅନ୍ୟ କୌଣସି ନବି ଆସି ପାରିବେ ନାହିଁ । ନବୁଓ୍ୱତ୍ ସମାପ୍ତ ହେବାର ଅର୍ଥ ନବୁଓ୍ୱତ୍‌ର ସମସ୍ତ ଉତ୍କର୍ଷତା ଆମ ନବି ଶିରୋମଣିଙ୍କ ଉପରେ ଶେଷ ହେବାର ଅଛି ଓ ଆମେ ଭରସା ରଖୁ ଯେ ତାଙ୍କ ପରେ ସେହି ନବି ଆସିପାରନ୍ତି ଯେ କି ତାଙ୍କ ଜମାଅତ୍ ମଧ୍ୟରୁ ଓ ତାଙ୍କ ସଂପୂର୍ଣ୍ଣ ଅଧୀନରେ ହୋଇଥିବେ । ସମସ୍ତ ଦୟା ତାଙ୍କର ଆଧ୍ୟାତ୍ମିକତାରୁ ହିଁ ହାସଲ କରା ଯାଇଥିବ ଏବଂ ତାଙ୍କ ଜ୍ୟୋତି ଦ୍ୱାରା ପ୍ରଜ୍ଜ୍ୱଳିତ ହୋଇଥିବ । ଅନ୍ୟ କୌଣସି ନବି ଆସି ପାରିବେ ନାହିଁ । ଏ କଥା ହିଁ ଯଥାର୍ଥ, ଯାହା ହଜରତ ମହମ୍ମଦ[ସଅ]ଙ୍କ ଉନ୍ନତିର ପ୍ରମାଣ ଏବଂ ଲୋକମାନଙ୍କୁ ତାଙ୍କର ସୌନ୍ଦର୍ଯ୍ୟ ଓ ତାଙ୍କ ସତ୍ୟ ଅନୁଗାମୀଙ୍କ ପ୍ରତିଦାନରେ ଯାହା ସଂପୂର୍ଣ୍ଣ ପ୍ରେମ ଓ ସ୍ୱଚ୍ଛତାର ସହିତ ତାଙ୍କଠାରେ ବିଲୀନ ହେବାରେ ଦେଖାଯାଇଥାଏ । ତାଙ୍କ ବିରୁଦ୍ଧରେ ଯୁକ୍ତି କରିବା ନିର୍ବୋଧତାର ପରିଚୟ । ବରଂ ଏହା ତ ପ୍ରଭୁଙ୍କ ତରଫରୁ ହଜରତ ମହମ୍ମଦ[ସଅ]ଙ୍କ ଅତି ଉତ୍କୃଷ୍ଟ ହେବାର ପ୍ରମାଣ । ଅନୁସନ୍ଧାନ ପାଇଁ ତା'ର ବିଶ୍ଳେଷଣର କିଛି ଆବଶ୍ୟକତା ନାହିଁ । ସେ ଶାରୀରିକ ଦୃଷ୍ଟିରୁ ତ କୌଣସି ପୁରୁଷର ପିତା ନ ଥିଲେ, କିନ୍ତୁ ସେ ଆଧ୍ୟାତ୍ମିକ ଦୃଷ୍ଟିରୁ ଅଲୌକିକ ବ୍ୟକ୍ତି ଉପରେ ଓ ଶରିୟତ୍ (ସମ୍ପୂର୍ଣ୍ଣ ଧମ ର୍ବିଧାନ) ଦୃଷ୍ଟିକୋଣରୁ ପିତା । ସେ ସମସ୍ତ ଅବତାରଙ୍କ ମୋହର ଓ ସମସ୍ତ ଐଶୀ ପୁରୁଷଙ୍କ ସରଦାର । ସେହି ବ୍ୟକ୍ତି ବ୍ୟତୀତ ଯାହା ପାଖରେ ତାଙ୍କ ମୋହର ଲାଗିଥିବ ଓ ସେ ତାଙ୍କ ସୁନ୍ନତ୍‌ର ଆଜ୍ଞାଧୀନ ହୋଇଥିବ । କୌଣସି ବ୍ୟକ୍ତି ପ୍ରଭୁଙ୍କ ଦରବାରରେ କେବେହେଲେ ସେହି ସ୍ଥାନର ଅଧିକାର ହାସଲ କରିପାରିବ ନାହିଁ ଏବଂ କୌଣସି କର୍ମ ଓ କୌଣସି ଉପାସନା ତାଙ୍କ ବାର୍ତ୍ତାବହ ପଣର ଭାଗିଦାରୀ ଓ ତାଙ୍କ ଜାତି ପାଇଁ ଦୃଢ଼ତାର ସହିତ ଅଟଳ ରହିବା ବିନା ଗ୍ରହଣୀୟ ହୋଇପାରିବ ନାହିଁ । ଯିଏ ତାଙ୍କୁ ପରିତ୍ୟାଗ କରନ୍ତି, ସେ ନିଜ ବଳ ଓ ଶକ୍ତିରେ ବଳୀୟାନ ଥାଇ ତାଙ୍କର ସମସ୍ତ ଆଦର୍ଶର ଆଜ୍ଞାନୁବର୍ତ୍ତୀ ନ ହୁଏ ସେ ବିନାଶ ହୋଇଛି । ତାଙ୍କ ପରେ କୌଣସି ନୂଆଁ ଶରିୟତ୍(ଧର୍ମବିଧାନ) ଆସିପାରିବ ନାହିଁ । କୌଣସି ବ୍ୟକ୍ତି ତାଙ୍କ ପୁସ୍ତକ, ତାଙ୍କ ଆଦେଶାବଳୀକୁ ନାକଚ କରି କିମ୍ବା ତାଙ୍କ ପବିତ୍ର ବାଣୀକୁ ଅଦଳବଦଳ କରିବାରେ ସକ୍ଷମ ହୋଇପାରିବ ନାହିଁ । କୌଣସି ବର୍ଷା ତାଙ୍କ ବର୍ଷା ପରି ହୋଇ ପାରିବ ନାହିଁ । ଯେଉଁ ବ୍ୟକ୍ତି କୋରାନ୍‌ର ଆଜ୍ଞାବହ ହେବାରେ ତିଳେ ମାତ୍ର ଅବହେଳା କରେ, ସେ ବିଶ୍ୱାସର ପରିସରରୁ ବାହାରିଯାଏ । କୌଣସି ବ୍ୟକ୍ତି ସଫଳତାକୁ ପ୍ରାପ୍ତ କରିପାରିବ ନାହିଁ । ମୁକ୍ତି ଲାଭ କରି ପାରିବ ନାହିଁ, ଯେତେବେଳ ପର୍ଯ୍ୟନ୍ତ ସେ ସମସ୍ତ କଥା ଉପରେ ପାଳନ ନ କରେ, ଯାହା ଆମ ନବି ଶ୍ରେଷ୍ଠ[ସଅ]ଙ୍କ ଦ୍ୱାରା ପ୍ରମାଣିତ ହୋଇଛି । ଯେଉଁ ବ୍ୟକ୍ତି ତାଙ୍କ ଆଦେଶଗୁଡ଼ିକ ମଧ୍ୟରୁ କିଞ୍ଚିତ ମାତ୍ର ଅଣଦେଖା କରିଥାଏ, ସେ ପ୍ରଳୟର ଗର୍ତ୍ତ ମଧ୍ୟରେ ନିକ୍ଷେପ ହୋଇଥାଏ । ଯେଉଁ ବ୍ୟକ୍ତି ଉକ୍ତ ଜମାଅତ୍‌କୁ ସ୍ୱୀକାର କରି ମଧ୍ୟ ନବୁଓ୍ୱତର ଦାବି ଉପରେ ଭରସା ରଖୁ ନାହିଁ ଯେ ତା'ର ସଂସ୍କାର ସେହି ମହାମହିମ ମହମ୍ମଦ[ସଅ]ଙ୍କ ପୁଣ୍ୟ ଯୋଗୁଁ ହୋଇଛି । ତାଙ୍କ ଆଦର୍ଶର ଆଜ୍ଞାବହ ହେବା ବିନା ସେ କିଛି ବାସ୍ତବତା ରଖି ନ ଥାଏ । କୋରାନ୍ ଶେଷ ଧର୍ମ ପୁସ୍ତକ । ସେହି ବ୍ୟକ୍ତି ବିନାଶପ୍ରାପ୍ତ ଓ ଅମାନ୍ୟକାରୀ ଓ ମିଥ୍ୟାବାଦୀ, ଯେଉଁ ବ୍ୟକ୍ତି ନବୁଓ୍ୱତ୍‌ର ଦାବି କରେ ଏବଂ ଭରସା ରଖି ନ ଥାଏ ଯେ ସେ ତାଙ୍କ ଉମ୍ମତ୍‌ର ଅନ୍ତର୍ଭୁକ୍ତ । କିନ୍ତୁ ଯାହା କିଛି ସେ ହାସଲ କରିଛି ତାଙ୍କ ସାନିଧ୍ୟରୁ ପାଇଛି । ସେ ତାଙ୍କ ବଗିଚାର ଫଳ, ତାଙ୍କ ବର୍ଷାର ଜଳ ବିନ୍ଦୁ, ତାଙ୍କ ଜ୍ୟୋତିର ଏକ ଝଲକ । ତେବେ ଏପରି ବ୍ୟକ୍ତି ରଙ୍ଗ ବଦଳାଉଥିବା କପଟାଚାରୀ, ଏପରି ବ୍ୟକ୍ତି ଉପରେ ଓ ତାଙ୍କ ସହଯୋଗୀ ତଥା ଅନୁଗାମୀ ଓ ସାଥି ସମସ୍ତଙ୍କ ଉପରେ ପ୍ରଭୁଙ୍କ କୋପଦୃଷ୍ଟି ପଡିବ । ବର୍ତ୍ତମାନ ଆକାଶ ତଳେ ଆମର ଶ୍ରେଷ୍ଠ ନବି ହଜରତ ମହମ୍ମଦ[ସଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ନବି ନାହାନ୍ତି । ନା ତ କୋରାନ୍ ବ୍ୟତୀତ ଆମର କୌଣସି ପୁସ୍ତକ ଅଛି । ଯେଉଁ ବ୍ୟକ୍ତି ତା'ର ବିରୁଦ୍ଧାଚରଣ କରୁଛି ସେ ନିଜକୁ ନର୍କରେ ପକାଉଛି' । **(ମୋଆହିବୁର୍ ରହମାନ୍, ରୁହାନୀ ଖଜାଇନ୍, ଖଣ୍ଡ ୧୯, ପୃଷ୍ଠା୨୮୫-୨୮୭ ଅନୁବାଦ ଆରବି)**

ବିରୁଦ୍ଧାଚରଣ କରୁଛି ସେ ନିଜକୁ ନର୍କରେ ପକାଉଛି’ । **(ମୋଆହିବୁର୍ ରହମାନ୍, ରୁହାନୀ ଖଜାଇନ୍, ଖଣ୍ଡ ୧୯, ପୃଷ୍ଠା ୨୮୫-୨୮୭ ଅନୁବାଦ ଆରବି)**

ପୁଣି ସେ ବର୍ଣ୍ଣନା କରୁଛନ୍ତି ବର୍ତ୍ତମାନ ସୁପାରିଶକାରୀ କେବଳ ହଜରତ ମହମ୍ମଦ[ସଅ] । ‘ମନୁଷ୍ୟ ସମାଜ ପାଇଁ ସମଗ୍ର ଧରାପୃଷ୍ଠରେ ବର୍ତ୍ତମାନ କୌଣସି ପୁସ୍ତକ ନାହିଁ କିନ୍ତୁ କୋରାନ୍ । ସମସ୍ତ ମାନବ ଜାତି ପାଇଁ ବର୍ତ୍ତମାନ କେହି ରସୁଲ ଓ ଅନୁମୋଦନକାରୀ ନାହାନ୍ତି । କିନ୍ତୁ ମହମ୍ମଦ୍ ମୁସ୍ତଫା[ସଅ] । ତେଣୁ ତୁମେମାନେ ପ୍ରୟାସ କର ଯେ ସତ୍ୟର ସହିତ ସେହି ବଡିମାଯୁକ୍ତ ନବିଙ୍କ ସହିତ ସମ୍ପର୍କ ରଖ ଓ ତାଙ୍କ ତୁଳନାରେ କୌଣସି ଅନ୍ୟ ମନୁଷ୍ୟକୁ ଅଗ୍ରାଧିକାର ଦିଅ ନାହିଁ । ତେବେ ତୁମେ ଆକାଶରେ ମୋକ୍ଷପ୍ରାପ୍ତ ବୋଲି ପରିଗଣିତ ହେବ ଏବଂ ମନେରଖ ଯେ ମୋକ୍ଷ ତାହା ନୁହେଁ ଯାହା ମୃତ୍ୟୁ ପରେ ପ୍ରକାଶ ହେବ । ବରଂ ବାସ୍ତବରେ ସେହି ମୁକ୍ତି ଯାହା ଏହି ସଂସାରରେ ହିଁ ନିଜ ଆଲୋକ ଦେଖାଇ ଥାଏ । ମୁକ୍ତି ଲାଭକାରୀ କିଏ ? ସେହି ଯେ ବିଶ୍ୱାସ ରଖେ ଈଶ୍ୱର ସତ୍ୟ ଓ ମହମ୍ମଦ୍[ସଅ] ତାଙ୍କ ମଧ୍ୟରେ ହେଉଛନ୍ତି ମଧ୍ୟସ୍ଥତା କରୁଥିବା ଅନୁମୋଦନକାରୀ । (ପ୍ରଭୁ ସତ୍ୟ ଓ ମହମ୍ମଦ[ସଅ] ହେଉଛନ୍ତି ସୃଷ୍ଟି ଜଗତ ଓ ପ୍ରଭୁଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନକାରୀ)

ଧରା ପୃଷ୍ଠରେ ତାଙ୍କ ସମକକ୍ଷ କୌଣସି ଅନ୍ୟ ରସୁଲ୍ ଅଛନ୍ତି ନା’ କୋରାନ୍‌ର ସମକକ୍ଷ ଅନ୍ୟ କୌଣସି ପୁସ୍ତକ ଅଛି । ଏବଂ ଆଉ କାହା ପାଇଁ ନା’ ପ୍ରଭୁ ରହୁଛନ୍ତି ଯେ ସେ ସର୍ବଦା ଜୀବିତ ରହୁ କିନ୍ତୁ ସେହି ଶ୍ରେଷ୍ଠ ନବି ସର୍ବଦା ଜୀବିତ ରହିଥିବେ ।

ହଜରତ ମୁସା ସେହି ଧନଦ୍ରବ୍ୟର ମାଲିକାନା ସ୍ୱତ୍ୱ ପାଇଥିଲେ, ଯାହାକୁ ତାଙ୍କ ପୂର୍ବବର୍ତ୍ତୀ ଲୋକ ହଜାଇ ଦେଇଥିଲେ ଏବଂ ହଜରତ ମହମ୍ମଦ[ସଅ] ସେହି ମୋତା (ମାଲିକାନା ସ୍ୱତ୍ୱ )ପାଇଥିଲେ ଯାହାକୁ ମୁସାଙ୍କ ସମ୍ପ୍ରଦାୟ ହରାଇ ଦେଇଥିଲା । ବର୍ତ୍ତମାନ ମହମ୍ମଦୀୟ ଧର୍ମ ମୁସୀୟ ଧର୍ମର ଅନୁରୂପ । କିନ୍ତୁ ମର୍ଯ୍ୟାଦାରେ ହଜାର ହଜାର ଗୁଣ ଅଧିକ, ମୁସାଙ୍କ ସାଦୃଶ ଓ ମୁସାଙ୍କ ଠାରୁ ଅଧିକ, ମରିୟମଙ୍କ ପୁତ୍ର ଯୀଶୁଙ୍କ ସାଦୃଶ ମରିୟମ ପୁତ୍ର ଯୀଶୁଙ୍କ ଠାରୁ ବଡ ।’ **(କସ୍‌ତିଏ ନୁହ୍, ରୁହାନୀ ଖଜାଇନ୍, ଖଣ୍ଡ ୧୯ , ପୃଷ୍ଠା ୨୩-୨୪)**

ସୁତରାଂ ଏହି କେତେକ ପଙ୍‌କ୍ତି ଯାହାକୁ ମୁଁ ଅସଂଖ୍ୟ ପଙ୍‌କ୍ତି ମଧ୍ୟରୁ ଉଦ୍ଧାର କରିଛି । ଏହି ବାକ୍ୟ ହଜରତ ମସିହ ମଉଦ[ଅସ] ହଜରତ୍ ମହମ୍ମଦ[ସଅ]ଙ୍କ ବଡ଼ିମା ଓ ମର୍ଯ୍ୟାଦା ସ୍ତର ବିଷୟରେ ଲେଖିଛନ୍ତି । ସେହିପରି ଇସ୍‌ଲାମର ବିଭିନ୍ନ ଶିକ୍ଷାର ବ୍ୟାଖ୍ୟା ବିଷୟରେ ମଧ୍ୟ ଏକ ଗନ୍ତାଘର ରହିଛି, ଯାହାକୁ ଆପଣ ଉପସ୍ଥାପନ କରିଛନ୍ତି । ଅଲ୍ଲାଃତାଲା ଆମକୁ ଏଥିରୁ ଅଧିକରୁ ଅଧିକ ଲାଭବାନ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଇସଲାମ୍‌ର ସେହି ଅସାଧୁ, ଅଳ୍ପଶିକ୍ଷିତ ମାନଙ୍କୁ ମଧ୍ୟ ବୁଦ୍ଧିବିବେକ ପ୍ରଦାନ କରନ୍ତୁ । ସେମାନେ ମହମ୍ମଦ[ସଅ]ଙ୍କ ପ୍ରକୃତ ସତ୍ୟ ପ୍ରେମିକଙ୍କ ବାଣୀ ଗୁଡ଼ିକୁ ଶୁଣନ୍ତୁ ଓ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଉଚିତ୍ ମାର୍ଗ ଦର୍ଶକ ହୁଅନ୍ତୁ ।

ନମାଜ୍ ପରେ ମୁଁ ଦୁଇଟି ପରୋକ୍ଷ ନମାଜ ଜନାଜାଃ ପାଠ କରାଇବି । ପ୍ରଥମଟି ଶ୍ରୀଯୁକ୍ତ ମହମ୍ମଦ୍ ମୁସା ସାହେବ୍ ଦରୱେଶ୍ କାଦିୟାନ୍‌ଙ୍କର । ଯେ କି ୧୦ ମଇ ୨୦୧୫ରେ ପଞ୍ଚାନବେ ବର୍ଷ ବୟସରେ ମୃତ୍ୟୁବରଣ କଲେ (ଇନ୍ନାଲିଲ୍ଲାହି ଓ ଇନ୍ନା ଏଲୈହି ରାଜେଉନ୍) । ମୃତକ ଶେଷ ସମୟ ପର୍ଯ୍ୟନ୍ତ ଚଲାବୁଲା କରୁଥିଲେ । ମୃତ୍ୟୁର ଚରିଦିନ ପୂର୍ବରୁ ଅହମଦୀୟା ଛକରେ ଏକ ସଡ଼କ ଦୁର୍ଘଟଣାରେ ପଡ଼ିଯିବା ଯୋଗୁଁ କାନ ମୁଣ୍ଡାରେ ଆଘାତ ଲାଗିଥିଲା । ଯାହା ପାଇଁ ଚରିଦିନ ପର୍ଯ୍ୟନ୍ତ ଅମୃତସର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ପରେ ନୁର ହସ୍‌ପିଟାଲରେ ତାଙ୍କ ମୃତ୍ୟୁ ହୋଇଗଲା । ମୃତକ ଜଣକ ମୁସି ଥିଲେ । ତାଙ୍କ ପରିବାରକୁ ପ୍ରଥମ ଖିଲାଫତ୍ ସମୟରେ ବୟତ୍ କରି ଅହମଦିୟତ୍‌ରେ ସାମିଲ୍ ହେବାର ସୌଭାଗ୍ୟ ମିଳିଥିଲା । ସେ ଜିଲ୍ଲା ଶେଖପୁରା ସୟଦୱାଲା ଗ୍ରାମବାସୀ ଥିଲେ । ୧୯୪୬ରେ ଯେତେବେଳେ ସେ ସେନା ଚକିରି ତ୍ୟାଗ କରି କାଦିୟାନ୍‌ରେ ବସବାସ କଲେ ହଜରତ ମୁସ୍‌ଲେହ ମଉଦ[ରଅ] କହିଲେ ‘ଆପଣ କି କାମ କରୁଛନ୍ତି ? ସେ କହିଲେ ସେନା ବିଭାଗରୁ ଚକିରି ଛାଡ଼ି ଦେଇ ଘରୋଇ କାମ ଆରମ୍ଭ କରିବାକୁ ଯାଉଛି । ତହୁଁ ହଜୁର କହିଲେ, ମୋତେ ଆପଣଙ୍କ ସେବାର ଆବଶ୍ୟକତା ରହିଛି । ସ୍ଥାନାନ୍ତରିତ ହୋଇ ଆପଣ ପାକିସ୍ତାନ ଯାଆନ୍ତୁ ନାହିଁ, କାଦିୟାନ୍‌ରେ ହିଁ ରହନ୍ତୁ । ଏହା ୧୯୪୭ମସିହା କଥା । ସେତେବେଳେ ବିଭାଜନର ପରିସ୍ଥିତି ରହିଥିଲା । ସେ କାଦିୟାନରେ ହିଁ ରହିଲେ । ସେହିପରି ଆପଣ ୩୧୩ ଦରୱେସ୍ କାଦିୟାନ୍ ମାନଙ୍କ ମଧ୍ୟରେ ସାମିଲ୍ ହୋଇଗଲେ । ଏକ ସ୍ୱଚ୍ଛ ଓ ଶୁଦ୍ଧପୂତ ଦରୱେସି ଜୀବନ ଅତିବାହିତ କଲେ । ତାଙ୍କୁ ବର୍ଷ ବର୍ଷ ଧରି ସଦର୍ ଅଂଜୁମନ୍ ଅହମଦିୟାର କାର୍ଯ୍ୟାଳୟରେ ବିଶେଷତଃ ‘ଦାରୁଲ୍ ମସିହ’ରେ ସେବା କରିବାର ସୌଭାଗ୍ୟ ମିଳିଥିଲା । ସ୍ୱର୍ଗୀୟଙ୍କୁ ୨୦୦୬ରେ ଲଣ୍ଡନ ବାର୍ଷିକ ଜଲସାରେ ଦରୱେସ ମାନଙ୍କ ପ୍ରତିନିଧି ରୂପେ ଅଂଶଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା ଏବଂ ଆଲମି ବୟତ(ବିଶ୍ୱସ୍ତରୀୟ ଦୀକ୍ଷା ଗ୍ରହଣ ଉତ୍ସବ)ରେ ମଧ୍ୟ ତାଙ୍କୁ ଭାରତର ପ୍ରତିନିଧିତ୍ୱ କରିବାର ଅବସର ମିଳିଥିଲା । ସେ ସମସ୍ତଙ୍କ ଠାରୁ ଆଗରେ ବସିଥିଲେ । ତାଙ୍କ ପରିବାରରେ ଦୁଇ ଝିଅ, ତିନ ପୁତ୍ର ଛାଡ଼ି ଯାଇଛନ୍ତି । ତାଙ୍କ ପୁତ୍ର ଲତିଫ୍ ସାହେବ୍ ଜମାଅତର ସେବା କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ପତ୍ନୀଙ୍କ ମୃତ୍ୟୁ ୩୦ ମଇ ୨୦୧୪ରେ ହୋଇଥିଲା । ସେ ତାଙ୍କ ଦରୱେସ ସ୍ୱାମୀଙ୍କ ସହିତ ରହି ଦରୱେସ ପରି ଜୀବନଯାପନ କରିଥିଲେ । ଅଲ୍ଲାଃତାଲା ମୃତକଙ୍କୁ ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ସେହି ଗୁରୁଜନମାନଙ୍କ ମାର୍ଗରେ ପରିଚାଳିତ ହେବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ନମାଜ ଜନାଜାଃ ସୟିଦା ଅମତୁର ରଫିକ୍ ସାହେବାଙ୍କର, ଯିଏକି ହଜରତ ସୟଦ୍ ମିର୍ ମହମ୍ମଦ୍ ଇସ୍‌ମାଇଲ୍ ସାହେବଙ୍କର କନ୍ୟା ଥିଲେ । ୬ ମଇ ୨୦୧୫ରେ ୮୦ ବର୍ଷ ବୟସରେ ମୃତ୍ୟୁବରଣ କଲେ । (ଇନ୍ନା ଲିଲ୍ଲାହେ ୱ ଇନ୍ନା ଅଷ୍ଟମ ଥିଲା । ସେ ଶିକ୍ଷିତ, ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କ ପୁତ୍ର ହମିଦୁଲ୍ଲାଃ ନୁସରତୁଲ୍ଲା ପାଶା ଫଜଲେ ଉମର୍ ହସପିଟାଲରେ ଡ଼ାକ୍ତର ଅଛନ୍ତି । ସେ ଲେଖିଛନ୍ତି ‘ମୋ ପିତା ହଜରତୁଲ୍ଲା ପାଶା ସାହେବ୍ ୧୯୫୩ରେ ଆମେରିକାରେ ଶିକ୍ଷା ଗ୍ରହଣ କରୁଥିବା ସମୟରେ ଅହମଦିୟତ୍ ଗ୍ରହଣ କରିଥିଲେ । ୧୯୬୦ରେ ହଜରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ମୋ ପିତାଙ୍କୁ ମୋ ମାତାଙ୍କ ସହିତ ବିବାହ ପ୍ରସ୍ତାବ ଦେଇ କହିଥିଲେ ମୋର ଦୁଇ ଜଣ ମାମୁଁ ଥିଲେ । ବଡ଼ ମାମୁଁ ସନ୍ଥ ସ୍ୱଭାବର ଥିଲେ ଅର୍ଥାତ୍ ହଜରତ୍ ଡ଼ାକ୍ତର ମିର୍ ମହମ୍ମଦ୍ ଇସମାଇଲ୍ ସାହବ୍ ଯିଏ, ହଜରତ୍ ଅମ୍ମାଜାନଙ୍କ ଭାଇ ଥିଲେ ଏବଂ ସାନ ମାମୁଁ ବହୁତ ବଡ ବିଦ୍ୱାନ ଥିଲେ । ଅର୍ଥାତ୍ ହଜରତ୍ ମିର୍ ଇସ୍‌ହାକ୍ ସାହେବ୍ । ମିଆଁ ବଶିର୍ ଅହମ୍ମଦ୍ ସାହେବ୍ କହିଲେ ‘ଆପଣଙ୍କ ପାଇଁ ନିଜ ବଡ଼ ମାମୁଁଙ୍କ କନ୍ୟା ଅମତୁର୍ ରଫିକ୍‌ଙ୍କର ବିବାହ ପ୍ରସ୍ତାବ ଦେଉଛି । ତାଙ୍କ ପିତା ହଜରତ୍ ମିର୍ଜା ବଶିର୍ ଅହମଦ୍ ସାହେବଙ୍କୁ କହିଲେ ମୋର ସମସ୍ତ ବଂଧୁ ବାନ୍ଧବ ଅଣଅହମଦି, ତେବେ ମୁଁ ସେଠାରେ କିପରି ବଂଧୁ କରିବି । କଥାବାର୍ତ୍ତା କିପରି କରିବି ? ସେ କହିଲେ ଯେ ‘ଆପଣଙ୍କ ମୁରବି ହିସାବରେ ମୁଁ ବନ୍ଧୁ ବିଷୟରେ କଥାବାର୍ତ୍ତା କରୁଛି । ସୁତରଂ ୫ ନଭେମ୍ବର, ୧୯୬୧ରେ ତାଙ୍କର ନିର୍ବନ୍ଧ ହୋଇଥିଲା ଓ ସେହିଦିନ ବିଦାୟୀ ମଧ୍ୟ ହୋଇଗଲା ଏବଂ ହଜରତ୍ ସୟଦା ମରିୟମ୍ ସିଦ୍ଦିକା ସାହେବା ଡ଼ାକ୍ତର ନୁସରତ୍ ପାଶାକୁ ଶୁଣାଇଲେ, ‘ତୁମ ମାଆଙ୍କ ବିବାହ ଯେତେବେଳେ ହୋଇଥିଲା ସେତେବେଳ ହଜରତ୍ ମୁସଲେହ ମଉଦ୍[ରଅ] ଅସୁସ୍ଥ ଥିଲେ । ହଜରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ବିବାହରେ ପ୍ରାର୍ଥନା କରିଥିଲେ ଓ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ । ତା’ପରେ ହଜରତ୍ ମୁସ୍‌ଲେହ ମଉଦ[ରଅ]ଙ୍କୁ ଯେତେବେଳେ ସାକ୍ଷାତ କରି ଯିବା ପାଇଁ ବାହାରିଲେ, ସେ ଏହି ସନ୍ଦେଶ ଦେଲେ ଯେ ହଜରତୁଲ୍ଲା ପାଶା ଯାହାଙ୍କ ସହିତ ଅମତୁର୍ ରଫିକ୍ ସାହେବାଙ୍କ ବିବାହ ହୋଇଥିଲା ତାଙ୍କୁ କହିଦିଅ ଯେ ‘ଆପଣଙ୍କୁ ମୁଁ ମୋର ନିଜ କନ୍ୟା ଦେଇଛି ।’

ଯେପରିକି ମୁଁ କହିଲି ତାଙ୍କ ସନ୍ତାନ ହମିଦୁଲ୍ଲା ନୁଶରତ୍ ପାଶା ସାହେବ୍ ୱକ୍‌ଫେ ଜିନ୍ଦେଗୀ ଫଜଲେ ଉମର ଡ଼ାକ୍ତରଖାନାରେ ଡେଣ୍ଟାଲ୍ ସର୍ଜନ ଅଛନ୍ତି । ଦ୍ୱିତୀୟ ପୁତ୍ର ଖେଜର୍ ପାଶା ଦୁବାଇରେ ଅଛନ୍ତି ଓ କନ୍ୟା ଜଣେ ଫରହାନା ପାଶା ଡ଼ାକ୍ତର ଗୁଲାମ ଅହମଦ୍ ଫର୍ଖ ସାହେବ୍ ୱାକିଫେ ଜୀନ୍ଦେଗୀଙ୍କ ପତ୍ନୀ । ଫର୍ଖ ସାହେବ୍ ମଧ୍ୟ ରବୱାରେ କମ୍ପ୍ୟୁଟର ବିଭାଗରେ କାର୍ଯ୍ୟ କରନ୍ତି । ଅମତୁଲ ରଫିକ୍ ସାହେବାଙ୍କୁ ବହୁତ୍ ଲମ୍ବା ସମୟ ପର୍ଯ୍ୟନ୍ତ ନାଏବ୍ ସଦର ଲଜ୍‌ନା କରାଚି ହିସାବରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ଏବଂ ଆଣ୍ଠୁରେ ପୀଡ଼ା ଥିବା ସତ୍ତ୍ୱେ ସେ ପ୍ରତ୍ୟେକ ସ୍ଥାନକୁ ଯାଉଥିଲେ । କାର୍ଯ୍ୟାଳୟ ଉପର ମହଲାରେ ଥିଲା ସେଠାକୁ ଯିବା ଆସିବା କରୁଥିଲେ । ତେଣୁ ତାଙ୍କୁ ଅଧିକ କଷ୍ଟ ହେଉଥିଲା, କିନ୍ତୁ ସେ ତାଙ୍କ କର୍ତ୍ତବ୍ୟ ଛାଡ଼ି ନଥିଲେ । ଦରୀଦ୍ରଙ୍କ ସଖା ଥିଲେ ଦରୀଦ୍ରମାନଙ୍କୁ ଅତ୍ୟଧିକ ସହାୟତା କରୁଥିଲେ କିନ୍ତୁ କାହାକୁ ଜଣାଉ ନଥିଲେ ।

ଖିଲାଫତ ସହିତ ଏପରି ଜଡ଼ିତ ଥିଲେ ଯେ କୌଣସି କଥା ସହ୍ୟ କରି ପାରୁ ନଥିଲେ ।୧୯୭୪ରେ ଯେଉଁ ପରିସ୍ଥିତି ସୃଷ୍ଟି ହେଲା, ତା’ପରେ କିଛି ଅତିଥି ତାଙ୍କ ଘରକୁ ଆସିଲେ ଏବଂ ଖାଇବା ମେଜ ଉପରେ କେହି ଜଣେ କହିଲେ ‘ଇସମାଇଲଙ୍କ କାର୍ଯ୍ୟରେ ହଜୁରଙ୍କୁ ଅର୍ଥାତ୍ ଖଲିଫା ସାଲିସ୍‌ଙ୍କୁ ସେପରି ନୁହେଁ ବରଂ ଏପରି କରିବାର ଥିଲା ।’ ସେହି ସମୟରେ ନିଜ ଅଙ୍ଗୁଳି ନିର୍ଦ୍ଦେଶ କରି ଏହାର ଦୃଢ଼ ପ୍ରତିରୋଧ କରିଥିଲେ । କହିଲେ ଯେ ‘ତା’ଠାରୁ ଆମକୁ ମୁଁ ଆଉ ଗୋଟିଏ ଶବ୍ଦ ବି ଶୁଣିବି ନାହିଁ । ଏହା କହି ଶୀଘ୍ର ମୁଁ କଥା ଶେଷ କରିଦେଲେ । ଖିଲାଫତ୍ ସହିତ ନିବିଡ଼ ସଂପର୍କ ଥିଲା ।

ପୁଣି ଅଲ୍ଲାଃତାଲାଙ୍କ ସହିତ ତାଙ୍କର ବିଶେଷ ସଂପର୍କ ଥିଲା । ସେ କହନ୍ତି ମୋ ପିତାଙ୍କ ଅବସର ହୋଇଗଲା କେବଳ ପେନ୍‌ସନ୍‌ରେ ହିଁ ଚଳୁଥିଲୁ । ପରିସ୍ଥିତି କଠିନ ଥିଲା ଦିନେ ମାଆ ମୋ ଉପସ୍ଥିତିରେ ପିତାଙ୍କୁ କହିଲେ ମୋତେ ଅଲ୍ଲାଃତାଲାଙ୍କ ତରଫରୁ **‘ଓଲ୍ଲାହୁ ଖଏରୁର୍ ରାଜେକିନ୍’**ର ଶୁଭ ସନ୍ଦେଶ ମିଳିଛି ।’ ତା’ ପରେ ତାଙ୍କ ସ୍ୱାମୀଙ୍କୁ ‘ବିଶ୍ୱ ବ୍ୟାଙ୍କ୍‌ରେ ପରାମର୍ଶଦାତା ଭାବରେ ନିଯୁକ୍ତି ମିଳିଲା । Consultency ରୁ ପାଉଣା ମଧ୍ୟ ଆସିବାକୁ ଲାଗିଲା । ଅଲ୍ଲାଃତାଲାଙ୍କ କୃପାରୁ ଆୟ ବଢ଼ି ଚାଲିଲା । ତେବେ ତାଙ୍କର ସଂସାର ସହିତ କୌଣସି ସଂପର୍କ ନ ଥିଲା । ତାଙ୍କ କନ୍ୟା ଫରହାନା ପାଶା ଲେଖିଛନ୍ତି ଯେ ମୋ ମାଆ ଯେଉଁ ଗୃହ ସାମଗ୍ରୀ କରିଛନ୍ତି ସେ ସବୁ ଏକାଠି କରିବା ପାଇଁ ତାଙ୍କୁ ମାତ୍ର ପନ୍ଦର ମିନିଟ୍ ଲାଗିଲା । ତାଙ୍କର ଆଉ ଏକ ଭଲ ଗୁଣ ଥିଲା ଯେ ତାଙ୍କର ଶ୍ୱଶୁର ଘରର ସମସ୍ତେ ଅଣ ଅହମଦି ଥିଲେ । ସେଥିପାଇଁ ହଜରତ୍ ମୁସଲେହ ମଉଦ[ରଅ] ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଅଣ ଅହମଦି ବଂଧୁ ବାଂଧବମାନଙ୍କର ସର୍ବଦା ଧ୍ୟାନ ରଖୁଥିବ । ମାଆ ସାରା ଜୀବନ ସେହି ନିର୍ଦ୍ଦେଶ ଉପରେ କାର୍ଯ୍ୟକାରୀ କରୁଥିଲେ । ପୁଣି ଯେଉଁମାନେ ବନ୍ଧୁ ବାନ୍ଧବ ନ ଥିଲେ, କିନ୍ତୁ ପିତାଙ୍କ ସହିତ ବିଭିନ୍ନ ଆଳରେ ବିରୁଦ୍ଧାଚରଣ କରୁଥିଲେ । ତାହା ସତ୍ତ୍ୱେ ସାରା ଜୀବନ ତାଙ୍କ ସହିତ ଉତ୍ତମ ବ୍ୟବହାର କରୁଥିଲେ ଓ ଶେଷରେ ମୃତ୍ୟୁ ସମୟରେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏହା ହୃଦ୍‌ବୋଧ ହେଲା ଯେ ତାଙ୍କ ପରି ଦୟାଳୁ ଓ ଶୁଭଚିନ୍ତକ କେହି ନ ଥିଲେ । ଅଲ୍ଲାଃତାଲା ମୃତକଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସତ୍‌କର୍ମରେ ପ୍ରତିଷ୍ଠିତ ହୋଇ ରହିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

EDITOR
Qamarul Haque Khan
Mob.: 9437645667
Email: odiabadr@gmail.com
website:
www.akhbarbadarqadian.in,
www.alislam.org

Title Code: PUNODI00001

ସାପ୍ତାହିକ ବଦର କାଦିଆନ୍ | The Weekly **BADAR** Qadian
Distt. Gurdaspur (Pb.) INDIA Qadian - 143516

Vol. 1 | Thursday 10 March 2016 | Issue. 1

MANAGER
Nawab Ahmad
Mob.: +91-9417020616
Tel.: (+91) 1872-224757
E-mail:managerbadrqnd@gmail.com
Annual Subscription: Rs. 300/-

❊ ଅଲ୍ଲାଃ ନିଜର ପ୍ରତିଶ୍ରୁତ ଅନୁଯାୟୀ ହଜରତ ମୁହମ୍ମଦ[ସ.ଅ]ଙ୍କ ପ୍ରକୃତ ସତ୍ୟନିଷ୍ଠ ପ୍ରେମୀଙ୍କୁ ଏହି ସଂସାରକୁ ପ୍ରେରଣ କରି ପ୍ରକୃତ ଇସଲାମ ଧର୍ମର ଦ୍ୱିତୀୟ ଥର ପାଇଁ ପୂନଃ ସଂଚାରଣ କରା ଯାଇଅଛି । ବାସ୍ତବିକ ସେହି ଲୋକମାନେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଥିଲେ ଯେଉଁମାନେ ଦୀର୍ଘ ଚଉଦଶହ ବର୍ଷ ଅତିକ୍ରାନ୍ତ ପରେ ପୂନର୍ବାର ଦୈବୀବାଣୀ ଏବଂ ଆକାଶୀୟବାଣୀର ଅବତୀର୍ଣ୍ଣ ହେବାର ଦେଖିଲେ ଏବଂ ହଜରତ ମସିହ ମଉଦ[ଅ.ସ]ଙ୍କ ଦୀକ୍ଷାନେଇ ଏହି ଦୈବୀବାଣୀର ସିଧାସଳଖ ପ୍ରତ୍ୟେକ୍ଷ ଅନୁଭୂତି ଦ୍ୱାରା ଲାଭନ୍ନିତ ହେଲେ ।

❊ ଯେଉଁ ଧ୍ୱସଂ ପଥ ଆଡକୁ ବର୍ତ୍ତମାନ ଏହି ପୃଥିବୀ ଗତି କରୁଅଛି, ସେଥି ପାଇଁ ଅହମଦୀୟା ସଂସ୍ଥାର ପ୍ରତ୍ୟେକ ସଭ୍ୟକୁ ଏହାର ନିରାକରଣ ପାଇଁ ପ୍ରାର୍ଥନା କରିବା ଦରକାର ଏବଂ ଏହା ପ୍ରତି ସଜାଗ ହେବା ଜରୁରୀ ଅଟେ । ପ୍ରତିଷେଧକ ସ୍ୱରୂପ ପୂର୍ବାନୁ ପ୍ରସ୍ତୁତି ପାଇଁ ମୁଁ ଗତ ବର୍ଷ ଅହମଦୀୟା ଜମାତକୁ ଇଙ୍ଗିତ ମାଧ୍ୟମରେ କିଛି କହିଥିଲି ତଥା ଏଥି ପ୍ରତି ଯତ୍ନଶୀଳ ହେବା ସକାଶେ ବର୍ତ୍ତମାନ ମଧ କହୁଅଛି । ଶକ୍ତିଶାଳୀ ଦେଶଗୁଡ଼ିକ ଧ୍ୱଂସ ଆଭିମୁଖେ ନନେବା ପାଇଁ ଅଲ୍ଲାଃ ସେମାନଙ୍କୁ ସଦ୍ ବୁଦ୍ଧି ଦିଅନ୍ତୁ ।

## ୦୪ ଡିସେମ୍ବର ୨୦୧୫ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ:- ମସଜିଦ୍ ବୟତୁଲ ଫୁତୁହ ଲଣ୍ଡନ

ତଶହୁଦ୍, ତୌଜ୍ ଏବଂ ସୁରଃ ଫାତେହା ଆବୃତ୍ତି ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃ ନିଜ ପ୍ରତିଶ୍ରୁତି ମୁତାବକ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟନିଷ୍ଠ ପ୍ରେମୀଙ୍କୁ ଅବତୀର୍ଣ୍ଣ କରି ଇସଲାମ ଧର୍ମକୁ ଦ୍ୱିତୀୟ ଥର ସକାଶେ ଏହି ସଂସାରରେ ପରିଚିତ କରାଇଅଛି । ସେହି ଲୋକମାନେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଅଟନ୍ତି ଯେଉଁ ଚଉଦଶହ ବର୍ଷର ଅତିକ୍ରାନ୍ତ ପରେ ଦୈବୀବାଣୀ ତଥା ଆକାଶବାଣୀମାନଙ୍କ ଅବତୀର୍ଣ୍ଣ ହେବା ନିଜ କର୍ଣ୍ଣ ଦ୍ୱାରା ଶୁଣିପାରିଥିଲେ ଏବଂ ସେହି ସମୟକୁ ସେମାନେ ପାଇପାରିଲେ । ହଜରତ ମସିହ ମଉଦଙ୍କ ଦୀକ୍ଷା ନେଲା ପରେ ଏହି ଆକାଶୀବାଣୀର ସେମାନେ ପ୍ରାତ୍ୟେକ୍ଷ ଭାବେ ଅନୁଭବ କରିପାରିଲେ । ମଣିଷ ନିଜର କଳ୍ପନା ଚକ୍ଷୁରେ ଯଦି ଦେଖବବାକୁ ଆରମ୍ଭ କରେ ଯେ,ସେହି ଅହମଦୀମାନେ ସାହାବା(ପବିତ୍ର ଅନୁଚର)ମାନେ ହଜରତ ମସିହ ମଉଦଙ୍କ ଦୀକ୍ଷା ନେବା ଦ୍ୱାରା ଏବଂ ଏଥି ପାଇଁ ସେମାନଙ୍କ ଦ୍ୱାରା ଯେଉଁ ପ୍ରକାର ଉତ୍ସାହ ଉଦ୍ଦିପନା ତଥା ଅଲ୍ଲାଃଙ୍କ ନିକଟରେ କୃତଜ୍ଞତା ପ୍ରକାଶ ପାଉଥିବ ତାହା ବାସ୍ତବିକ ପ୍ରଣିଧାନ ଅଟେ । ଅଲ୍ଲାଃ ନିଜ ପ୍ରତିଶ୍ରୁତିରେ କିଭଳି ଅଟଳ ଅଛନ୍ତି ତାହା ସେ ଇସଲାମର ପ୍ରାରମ୍ଭରେ ଥିବା ପବିତ୍ର ଅନୁଚରମାନଙ୍କୁ ଏହି ସଂସାରର ଶେଷ ଦିବସରେ ଆସିଥିବା ପ୍ରତିଶ୍ରୁତ ମସିହ ତଥା ମେହେଦୀଙ୍କ ଅନୁଚରମାନଙ୍କ ସହିତ ତଦନୁରୂପ ସାକ୍ଷାତ କରାଇ ନିଜର ପ୍ରତିଜ୍ଞା ପୂରଣ କରିଅଛନ୍ତି ତାହା ବାସ୍ତବିକ ଦେଖିବା କଥା । ମସିହ ମଉଦ(କଳକି ଅବତାର)ଙ୍କ ଆବିର୍ଭାବ ତଥା ଆଗମନ ପରେ ତାଙ୍କ ମାଧ୍ୟମରେ ଏହି ଇଲହାମ (ଆକାଶବାଣୀ ଏବଂ ଦୈବୀବାଣୀ)ର ସତେଜ ତଟକା ସମ୍ବାଦର ପରିବେଷଣ ହେଉଥିଲା । ତାହାର ଅନ୍ୱେଷଣରେ ତାହାର ଅପେକ୍ଷାରେ ଅହର୍ନିଷ ଚେଷ୍ଟାରତ ଥିଲେ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଆମର ଏଭଳି ଅଭ୍ୟାସରେ ପରିଣତ ହୋଇଗଲା ଯେ ମୋର ଏ ପରି ଅବସ୍ଥା ହୋଇଗଲା କି ହଜରତ ମସିହ ମଉଦ[ଅ.ସ] ସେପଟେ ନମାଜ ପାଠ କରିବାକୁ ଗଲା କ୍ଷଣି ଏପଟେ ଆମ୍ଭେ ତାଙ୍କ ଡାଇରି(ଦୈନନ୍ଦିନୀ)କୁ ଖୋଲି କେଉଁ କେଉଁ ଦୈବୀବାଣୀ କେଉଁ ବିଷୟରେ କି କି ଉଦ୍ଦେଶ୍ୟରେ ଅବତରଣ ହୋଇଛି ତାହାକୁ ଦେଖିବାରେ ଲାଗିଥିଲୁ । ବେଳେ ବେଳେ ଆମ୍ଭେମାନେ ମସଜିଦକୁ ଯାଇ ଆପଣଙ୍କ ଶ୍ରୀମୁଖରୁ ଏହି ସମସ୍ତ ବୈବୀବାଣୀ)ର ବ୍ୟାଖ୍ୟା ଶୁଣୁଥିଲୁ । ଏଣୁ ଏହା ଏକ ସୌକ ଏବଂ ଜିଜ୍ଞାସା ଥିଲା । ଜାଣିବାର ଇଚ୍ଛା ପ୍ରାବଲ୍ୟ ଥିଲା । ଯାହା ଦ୍ୱାରା ଆମର ଆଧାତ୍ମିକତାର ପ୍ରଗତି ସମ୍ଭବ ହୋଇ ପାରିଥିଲା । ଧର୍ମ ଉପରେ ଆମର ଆସ୍ଥା ଏବଂ ବିଶ୍ୱାସ ଦୃଢିଭୂତ ହୋଇ ପାରିଥିଲା । ଅଲ୍ଲାଃଙ୍କ ପ୍ରତି କୃତଜ୍ଞତା ଏବଂ ତାଙ୍କ ସ୍ତୁତିମାନ କରାଯିବା ଉଚିତ୍ ଯେ ସେ ଆମକୁ ହଜରତ୍ ମସିହ ମଉଦ[ଅ.ସ](ପ୍ରତିଶ୍ରୁତ ମସିହ ତଥା କଲକ୍ଲି ଅବତାରଙ୍କୁ ଗ୍ରହଣ କରିବା ପାଇଁ ସୁଯୋଗ ଦେଇଅଛି । ଥରେ ଥରେ କଦାଚିତ୍ ଏପରି ଦୃଶ୍ୟ ମଧ ଦେଖା ଦେଇଥିଲା ଯେ ହଜରତ ମସିହ ମଉଦ[ଅ.ସ]ଙ୍କ ଜନୈକ ସାହାବୀ (ପବିତ୍ର ଅନୁଚର)ଙ୍କ ଉପସ୍ଥିତିରେ ହଜରତ ମସିହ ମଉଦଙ୍କ ଉପରେଅଲ୍ଲାଃଙ୍କ ବାଣୀ,ଆକାଶବାଣୀର ଅବତୀର୍ଣ୍ଣ ହେଉଥିଲା । ତାହାକୁ ସେ ସୌଭାଗ୍ୟଶାଳୀ ବ୍ୟକ୍ତି ସୁଚକ୍ଷୁରେ ଦେଖବ ନିଜ କାନରେ ଶୁଣି ପାରୁଥିଲେ । ବେଳେବେଳେ ମସିହ ମଉଦ[ଅ.ସ] ଏବଂ ତାଙ୍କର ଅନୁଚରମାନେ ଉଭୟେ ବସିଥିବା ସମୟରେ ମଧ ଆକାଶବାଣୀ ଏକାସାଙ୍ଗରେ ଶ୍ରବଣ କରିବା ସୁଯୋଗ ପାଇ ଯାଉଥିଲେ । ଏହି ଭଳି ଏକ ପବିତ୍ର ପ୍ରାପ୍ତ ବୟସ୍କ ଧାର୍ମିକ ବ୍ୟକ୍ତିଙ୍କ ବିଷୟରେ ଉଲ୍ଲେଖ ଆଧ୍ୟାତ୍ମିକ ଚକ୍ଷୁ ଦ୍ୱାରା ସାଇତି ରଖିଥାଏ । ସେ ଅନ୍ୟର ଯୁକ୍ତିକୁ ,ପ୍ରଶ୍ନଗୁଡିକୁ ,ଆହ୍ୱାନକୁ ଗ୍ରହଣ କରି ପାରେ ନାହି କାରଣ ସେ ତାର ଆଧାତ୍ମିକ ଦୃଷ୍ଟି କୋଣରୁ ଈଶ୍ୱରଙ୍କ ସାନିଧ ତାକୁ ଆଗକୁ ପ୍ରାପ୍ତ ହୋଇସାରିଛି । ହଚରତ ମୁସଲେହ ମଉଦ[ର.ଅ] ଜନୈକ ମୁନସୀ ଅରୋଡେ ଖାନ ସାହେବ ଯିଏକି ହଜରତ ମସିହ ମଉଦ[ଅ.ସ]ଙ୍କ ଜଣେ ସହଚର ଥିଲେ, ତାଙ୍କ ବିଷୟରେ ଏକ କୌତୁହଳ ପୂର୍ଣ୍ଣ କଥା ମନେ ପକାଇ କୁହନ୍ତି ଯାହାକି ପୂର୍ବରୁ ମଧ ମୁଁ କହି ସାରିଛି ଯେ କିଛି ଲୋକେ ମନସୀ ଅରୋଡେ ଖାନ ସାହେବଙ୍କୁ କହିଲେ ଯେ ତୁମେ ଥରେ ସନାଉଲ୍ଲାଃ ଅମୃତସରୀଙ୍କ ପରି ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ଭାଷଣ ଶୁଣ ତା ପରେ ଯାଇ କହିବ ମିର୍ଜା ସାହେବ ସତ ଅଟନ୍ତି କି ମିଛୁଆ ଅଟନ୍ତି । ତୁମେ ଖୋଦ୍ ଜାଣିପାରିବ । ଏଣୁ ମୌଲବି ସନାଉଲ୍ଲାଃ ଅମୃତସରୀଙ୍କ ଭାଷଣ ଥରେ ସେ ଶୁଣି ପକାଇଲେ । ମୋତେ ପରେ ବହୁତ ଲୋକ ପ୍ରଶ୍ନ କଲେ ଯେ ବର୍ତ୍ତମାନ କୁହନ୍ତୁ ଏତେ ପରିମାଣରେ ଦଲିଲ ଏବଂ ପ୍ରମାଣ ଶୁଣିଲା ପରେ ମଧ କହୁଛ ଯେ ମିର୍ଜା ସାହେବ ସତ୍ୟ ଅଟନ୍ତି ? ସେ(ଅରୋଡେ ଖାନ ସାହେବ)କହିଲେ; ଯେ ମୁଁ ତ ମିର୍ଜା ସାହେବଙ୍କ ମୁଖ ଦର୍ଶନ କରିଛି । ଏବଂ ତାଙ୍କର ମୁଖ ଦର୍ଶନ କଲା ପରେ ଯଦି ମୌଲବି ସନାଉଲ୍ଲାଃ ଅମୃତସରୀ ମୋ ସାମନାରେ ଦୀର୍ଘ ଦୁଇ ବର୍ଷ ପର୍ଯ୍ୟନ୍ତ ଭାଷଣ ଦେଇ ସୁଦ୍ଧା ମୋ ଉପରେ ତାର କିଛି ପ୍ରଭାବ ପକାଇ ପାରିବେନାହିଁ । କାରଣ ହଜରତ ମିର୍ଜାସାହେବ ମୁଖ ଦର୍ଶନ କରି ମୁଁ ଏତିକି କହି ପାରିବି ଯେ ବାସ୍ତବିକ ତାଙ୍କ ମୁଖ ଏକ ମିଥ୍ୟାବାଦୀର ମୁଖ କଦାପି ହୋଇ ନପାରେ । ଏ କଥା ସତ ହୋଇ ପାରେ ଯେ ସନାଉଲ୍ଲାଃ ଅମୃତସରୀଙ୍କ ବିରୁଦ୍ଧାଚରଣ କଥାର ଜବାବ ଅବଶ୍ୟଦେଇ ନପାରେ କିନ୍ତୁ ଏହା ମୁଁ ଦୃଢ ଭାବେ କହିପାରେ ଯେ ମିର୍ଜା ସାହେବ ସତ୍ୟନିଷ୍ଠ ଅଟନ୍ତି । ଏଣୁ ଗୁଢ ତଥ୍ୟର ରହସ୍ୟକୁ ଜାଣିବା ପାଇଁ ଜଣେ ସଂପୂର୍ଣ୍ଣ ସଚ୍ଚୋଟ ବ୍ୟକ୍ତି ସକାଶେ ବୁଦ୍ଧି ଏବଂ ଚାତୁର୍ଯ୍ୟକୁ ଦେଖି ବିଶ୍ୱାସ କରି ନପାରେ କିନ୍ତୁ ତାର ଆଧାତ୍ମିକ ଗୁଣ ଓ ନିଜସ୍ୱ ଅନୁଭୂତିର ଆଧାର ଉପରେ କିଏ ସତ୍ୟ ଉପରେ ପ୍ରତିଷ୍ଠିତ ତାହା ସେ ଅବଶ୍ୟ ଜାଣି ପାରେ । ଏହା ମୁନସୀ ଅରୋଡେ ଖାନ ସାହେବଙ୍କର ଏକ ଘଟଣା ଅଟେ । ଏହି ଘଟଣାଟିକୁ ଲୋକଲୋଚନକୁ ଆଣିବା ଜରୁରୀ ଥିଲା । କାରଣ ଏହା ଦ୍ୱାରା ଆମେ ଆମର ଆଧାତ୍ମିକ ଚକ୍ଷୁ ସାହାଯ୍ୟରେ ଅଲ୍ଲାଃ ଙ୍କ ଦର୍ଶନ କରିବା ପାଇଁ ପ୍ରୟାସ ଆବଶ୍ୟକ କରିବା ଦରକାର । ଏଥି ପାଇଁ ଆମେ ଈଶ୍ୱରଙ୍କ ସହ ସଂପର୍କ ସ୍ଥାପିତ କରିବା ନିହାତି ଜରୁରୀ ଅଟେ । ଏବଂ ଏହି ପରି ଭାବରେ ହଜରତ ମସିହ ମଉଦ[ଅ.ସ]ଙ୍କ ଉପରେ ଆମର ଅତୁଟ ବିଶ୍ୱାସ ସେତେବେଳେ ସ୍ଥାପିତ ହେବ ଯେତେବେଳେ ଆପଣମାନେ ଏ କଥା ବୁଝିବାକୁ ଚେଷ୍ଟା କରିବେ ଯେ ଆପଣମାନଙ୍କୁ ଏହି ଜଗତର ସଂସ୍କାର ତଥା କଲ୍ୟାଣ ନିମନ୍ତେ ପଠାଯାଇଅଛି । ଏବଂ ବର୍ତ୍ତମାନ ସମୟର ଏହା ହିଁ ଦାବୀ ଅଟେ । ଏହି ଯୁଗ ପାଇଁ ଏକ ସଂସ୍କାରକର ଆସିବା ଅନିବାର୍ଯ୍ୟ ଥିଲା ଏବଂ ଆଜିର ସମୟରେ ଯେଉଁ ଅବସ୍ଥାର ସୂତ୍ରପାତ ହୋଇଅଛି, ଯେଉଁ ସମସ୍ୟାଗୁଡିକର ଉତ୍‌ଥାନ ହୋଇଛି ତାହା ହଜରତ ମସିହ ମଉଦ[ଅ.ସ]ଙ୍କ ଆଗମନକୁ ପ୍ରମାଣିତ ଯଥେଷ୍ଟ ଅଟେ । ଏହା ପାଇଁ କିଛି ଦଲିଲ ବା ପ୍ରମାଣର ଆବଶ୍ୟକତା ହିଁ ନାହିଁ କାରଣ ବିଗିଡି ଯାଇଥିବା ଏହି ସମ୍ପ୍ରତି ଯୁଗ ସକାଶେ ହଜରତ ମୁହମ୍ମଦ[ସ.ଅ]ଙ୍କ ଭବିଶ୍ୟତବାଣୀ ଯଥେଷ୍ଟ ଅଟେ । ହଁ ଯଦି ଈଶ୍ୱରଙ୍କ ସହ ସଂପର୍କଅଛି , ତାହା ହେଲେ ତାର ଭକ୍ତି ଓ ଭୟର ମଧ ଉଦ୍ରେକ ହୋଇଥାଏ ଏବଂ ତାହା ସକାଶେ କୌଣସି ନିଦର୍ଶନ କିମ୍ବା ଐଶ୍ୱରୀକ ଚିହ୍ନ ଆବଶ୍ୟକ ନୁହେଁ । କିମ୍ବା ଦଲିଲ ତଥା ପ୍ରମାଣର ମଧ ଆବଶ୍ୟକ ହୋଇ ନଥାଏ । ଏହି ସମୟର ଆବଶ୍ୟକତା ତାହାର ଦାବୀ ଆପଣମାନଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଆପଣଙ୍କ ସତ୍ୟତାର ପ୍ରମାଣ ଅଟେ । ଏଣୁ ଆମ ସମସ୍ତଙ୍କୁ ଏହି ସତ୍ୟକୁ ମନେରଖିବା ଉଚିତ୍ । ଏବଂ ଏହାରି ମାଧ୍ୟମରେ ଆମେ ନିଜର ଆସ୍ଥା ଓ ବିଶ୍ୱାସକୁ ସୁଦୃଢ କରି ଚାଲିବା ଉଚିତ୍ ଅଟେ । ଈଶ୍ୱର କରନ୍ତୁ ଏହି ପରି ଭାବନା ଅନ୍ୟ ମୁସଲମାନମାନଙ୍କୁ ମଧ ପ୍ରାପ୍ତ ହେଉ ଏବଂ ସେମାନେ ଏହି ଯୁଗର ଇମାମ(ଧର୍ମ ଶ୍ରେଷ୍ଠୀ)ଙ୍କୁ ଗ୍ରହଣ କରିବାରେ ସମର୍ଥ ହୁଅନ୍ତୁ । ହଜରତ ମୁନସୀ ଅରୋଡେ ଖାନଙ୍କ ନିଷ୍ଠା ବିଷୟରେ ଚର୍ଚ୍ଚା କରୁ କରୁ ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି ଯେ ମୁନସୀ ସାହେବ ନିଶ୍ଚିତ ଭାବେ ପ୍ରତ୍ୟେକ ମାସରେ ଥରେ କାଦିଆନ ଆସି ଯାଉଥିଲେ । ଏବଂ ତାଙ୍କର ଯେଉଁ ଦିନ ଆସିବାର ଥିଲା ,ତାଙ୍କ କାର୍ଯ୍ୟାଳୟର ଅଫିସର ଅନ୍ୟ ଅମଲାମାନଙ୍କୁ ତାଗିତ୍ କରି ଦେଉଥିଲେ ଯେ ଶୀଘ୍ର ଶୀଘ୍ର ଆଜି କାମ ସାରି ଦିଅ,କାରଣ ମୁନସୀ ସାହେବ ଆଜି କାଦିଆନ ଯିବେ । ସେ ଯଦି ନଯାଇ ପାରିବେ ତା ହେଲେ ତାଙ୍କ ହୃଦୟ କନ୍ଦରରୁ ଯେଉଁ ନିଶ୍ୱାସ,ଆହା ବାହାରିବ ତାହା ଦ୍ୱାରା ମୁଁ ଧ୍ୱସଂ ହୋଇଯିବି । ଏହି ପରି ଭାବେ ମୁନସୀ ଅରୋଡେ ଖାନ ସାହେବଙ୍କୁ ତାଙ୍କ ଅଫିସର ସେ ଦିନ ପାଇଁ କାର୍ଯ୍ୟରୁ ଅବ୍ୟାହତି ଦେଇ ଦେଇଥିଲେ । ଅଫିସର ଜଣକ ହିନ୍ଦୁ ଧର୍ମାବଲମ୍ବୀ ଥିଲେ ଏବଂ ସେ ନିଜେ କାଦିଆନ ଯିବା ପାଇଁ ମୁନସୀ ଅରାଡେ ଖାନଙ୍କ ସକାଶେ ସମସ୍ତ ବ୍ୟବସ୍ଥା କରି ଦେଉଥିଲେ । ମୁନସୀ ଅରୋଡେ ଖାନଙ୍କ ଧର୍ମଭିରୁତା, ସଚ୍ଚୋଟ ପଣିଆ, ସାଧୁତା ତଥା ତାଙ୍କ ପ୍ରାର୍ଥନାର ଗ୍ରହଣୀୟତା ଉପରେ ଅଫିସର ଜଣକର ମନରେ ପ୍ରଗାଢ ବିଶ୍ୱାସ ଜନ୍ମି ହୋଇଥିଲା । ଏଣୁ ଠିକଣା ସମୟରେ ଯଦି ଅରୋଡାଖାନ ସାହେବ କାଦିଆନ ନ ଯାଇ ପାରିଲେ ତାହା ହେଲେ ତାଙ୍କ ମନରେ ଜନ୍ମି ଥିବା ଆହାରୁ ସେ ଅଫିସର କେବେ ତ୍ରାହି ପାଇ ପାରିବ ନାହିଁ ।

ଏହା ଥିଲା ସେହି ନିଷ୍ଠାବାନ ବ୍ୟକ୍ତିମାନଙ୍କର ପ୍ରଭାବ ଯାହା ଅନ୍ୟମାନଙ୍କ ଉପରେ ବ୍ୟାପ୍ତ ଥିଲା । ଏହି ନିଷ୍ଠାବାନ ଲୋକେ ହଜରତ ମସିହ ମଉଦ[ଅ.ସ]ଙ୍କ ଶ୍ରୀମୁଖକୁ ଦର୍ଶନ କରିବା ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ ଏବଂ ଏମାନେ ନିଜ ନିଷ୍ଠାରେ ମଧ ପ୍ରଗତି କରିଥିଲେ । ଏମାନେ ଈଶ୍ୱରଙ୍କ ସହ ଯୋଗାଯୋଗ ମଧ ରକ୍ଷା କରିଥିଲେ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ମଣିଷ ଯେପରି ଅଲ୍ଲାଃଙ୍କ ସହ ବ୍ୟବହାର କରିବ ଅଲ୍ଲାଃ ମଧ ଠିକ ସେହି ପରି ମଣିଷ ସହ ବ୍ୟବହାର କରିବେ । ମଣିଷ ଯେଉଁ ପରିମାଣରେ ନିଜର ହୃଦୟକୁ ତରଳାଇ ଦେଇଥାଏ, ଈଶ୍ୱର ସେହି ପରିମାଣରେ ମଣିଷ ସକାଶେ ନିଜକୁ ତରଳାଇ ଦେଇଥାଏ । ସଂସାର ଏହି ପରି ଭକ୍ତକୁ ଉତ୍ପିଡିତ କରିଥାଏ । ତାହାକୁ ଗାଳୀ ବର୍ଷଣ କରିଥାଏ । ଏବଂ ତାହାକୁ ଧରାଶାୟି କରିବା ପାଇଁ ବ୍ୟଗ୍ର ହୋଇ ଉଠିଥାଏ ।

କ୍ରମଶଃ....

Printed & Published by: Jameel Ahmed Nasir on behalf of Nigran Board of Badr, at Fazle-Umar Printing Press Qadian, Harchowal Road Po. Qadian, Distt. Gurdaspur-143516, Punjab, India. And published at office of the Weekly Badr Moh- Ahmadiyya, Harchowal Road P.o Qadian Distt. Gsp-143516, Punjab. India. Editor:Qamarul Haque Khan